ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.215 Bhubaneswar Saturday October 15 2022 | ୨୫ତମ ବର୍ଷ ସଂଖ୍ୟା–୨୧୫ ଭୁବନେଶ୍ୱର, ଶନିବାର, ଅକ୍ଟୋବର ୧୫, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

# ବିଜେଡିରେ ବିଭାଜନର ଆଭାସ: ମାମଲାତି ଫେଲ୍, ନବୀନ କ୍ଷୁବ୍ଧ



ଭୁବନେଶ୍ୱର,୧୪।୧୦(ପି.ଏନ): ଧାମନଗର ଉପନିର୍ବାଚ଼ନରେ ବିଜେଡିର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିବା ପରେ ବିଜେଡି ନେତୃତ୍ୱଙ୍କୁ ଶକ୍ତ ଧକ୍କା ଲାଗିଛି । ବିଜେଡି ରାଜ୍ୟରେ କ୍ଷମତାକୁ ଆସିବା ପରଠୁ ଦୀର୍ଘ ଦୁଇ ଦଶନ୍ଧି ମଧ୍ୟରେ ପ୍ରଥମଥର ପାଇଁ କୌଣସି ଉପନିର୍ବାଚ଼ନରେ ଦଳୀୟ ପ୍ରାର୍ଥୀ ବିରୋଧରେ ଦଳର ଅସନ୍ତୁଷ୍ଟ ନେତା ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ୨୦୧୯ ସାଧାରଣ ନିର୍ବାଚ଼ନ ପରଠୁ ବିଜେଡିର ସାଂଗଠନିକ ପରିଚ଼ାଳନା ଶୈଳୀକୁ ନେଇ ଦଳ ଭିତରେ ରହିଥିବା ଚ଼ାପା ଅସନ୍ତୋଷ ଏବେ ବିସ୍ଫୋରକ ପରିସ୍ଥିତି ଆଡକୁ ମୁହାଁଇଛି ଓ ଯାହାର ଫଳସ୍ୱରୂପ ବିଜେଡିର କିଛି ବରିଷ୍ଠ ନେତାଙ୍କ ପରାମର୍ଶରେ ରାଜେନ୍ଦ୍ର ଦଳୀୟ ପ୍ରାର୍ଥୀଙ୍କୁ ଚ୍ୟାଲେଞ୍ଜ କରିବାକୁ ସକ୍ଷମ ହୋଇଥିବା ଜଣାପଡିଛି । ଅନ୍ୟପକ୍ଷରେ 'ସୁଚ଼ିନ୍ତିତ ନିର୍ବାଚ଼ନ ପରିଚ଼ାଳନା' ମାଧ୍ୟମରେ ନିର୍ବାଚ଼ନ ଜିତୁଥିବା ବିଜେଡି ଏବେ ରାଜେନ୍ଦ୍ର ଦାସଙ୍କ ପ୍ରାର୍ଥୀତ୍ୱକୁ ନେଇ ବ୍ୟାକଫୁଟରେ ଅଛି । ବିଦ୍‌ରୋହୀ ପ୍ରାର୍ଥୀ ଭାବେ ରାଜେନ୍ଦ୍ର ନାମାଙ୍କନ ପତ୍ର ଦାଖଲ କରିବା ପରେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳ ପାଇଁ ମାମଲାତି କରୁଥିବା ଅନଭିଜ୍ଞ ନେତାମାନଙ୍କ ଉପରେ କ୍ଷୁବ୍ଧ ଥିବା ସୂଚ଼ନା ମିଳିଛି ।ବିଜେଡି ସୂତ୍ରରୁ ମିଳିଥିବା ସୂଚ଼ନା ଅନୁସାରେ, ୨୦୧୯ ସାଧାରଣ ନିର୍ବାଚ଼ନ ପରଠୁ ଦଳରେ ଗୋଷ୍ଠୀକନ୍ଦଳ ତୀବ୍ର ରୂପ ନେଉଥିବା ତଥା ବିଜେଡିର ବହୁ ବରିଷ୍ଠ ଓ ଅଭିଜ୍ଞ ନେତାଙ୍କୁ କୋଣଠେସା କରି ରଖାଯାଇଥିବାର ଫଳ ଏବେ ଦଳକୁ ଭୋଗିବାକୁ ପଡିଛି । କୌଣସି ଉପନିର୍ବାଚ଼ନରେ ଦଳୀୟ ପ୍ରାର୍ଥୀଙ୍କ ବିରୁଦ୍ଧରେ ବିଦ୍‌ରୋହୀ ପ୍ରାର୍ଥୀ ହେବାର ସାହାସ ବିଜେଡିର କେହି ନେତା କରୁନଥିବାବେଳେ ପ୍ରଥମଥର ପାଇଁ ରାଜେନ୍ଦ୍ର ଦାସ ଧାମନଗର ଉପନିର୍ବାଚ଼ନରେ ଏହି ସାହାସ କରି ଦେଖାଇଛନ୍ତି । ରାଜେନ୍ଦ୍ରଙ୍କ ଏଭଳି ଆଭିମୁଖ୍ୟ ଓ ନିଷ୍ପତ୍ତି ପଛରେ ଦଳର ବହୁ ପୁରୁଖା ଓ ବରିଷ୍ଠ ନେତାଙ୍କ ନିରବ ସମର୍ଥନ ଥିବା ଜଣାପଡିଛି । ବିଜେଡିର ମାମଲାତକାରୀ ସାଜିଥିବା କିଛି ତୋଷାମଦକାରୀ ନେତାଙ୍କ ଚ଼କ୍ରାନ୍ତରେ ନିଜସ୍ୱ ଦୃଢ଼ ସଂଗଠନ ଧାମନଗରରେ ଥାଇ ମଧ୍ୟ ରାଜେନ୍ଦ୍ର ଦଳୀୟ ପ୍ରାର୍ଥୀ ହେବାରୁ ବଂଚ଼ିତ ହେଲେ ବୋଲି ଖୋଲାଖୋଲି ଗଣମାଧ୍ୟମକୁ ସୂଚ଼ନା ଦେଇଛନ୍ତି ।ଧାମନଗର ଉପନିର୍ବାଚ଼ନ ପରିଚ଼ାଳନାର ଦାୟିତ୍ୱ ଏବେ ବିଧାୟକ ପ୍ରଣବ ପ୍ରକାଶ ଦାସ (ସଂଗଠନ ସମ୍ପାଦକ), ବିଧାୟକ ପ୍ରଣବ ବଳବନ୍ତରାୟ(ଭଦ୍ରକ ଜିଲ୍ଲା ପର୍ଯ୍ୟବେକ୍ଷକ)ଙ୍କ ସମେତ ବିଧାୟକ ବ୍ୟୋମକେଶ ରାୟ, ସଞ୍ଜିବ ମଲ୍ଲିକ ଆଦିଙ୍କ ଉପରେ ନ୍ୟସ୍ତ ଥିବାରୁ ସେମାନଙ୍କର ଅପରିପକ୍ୱ ଗୋଟିଚ଼ାଳନା ଯୋଗୁ ରାଜେନ୍ଦ୍ର ବିଜେଡି ପ୍ରାର୍ଥୀ ହୋଇପାରିନଥିବା ଜଣାପଡିଛି । ଅବଶ୍ୟ ରାଜେନ୍ଦ୍ରଙ୍କୁ ଭୁବନେଶ୍ୱର ଡାକି ମନାଇବାକୁ ପ୍ରୟାସ କରାଯାଇଥିଲେ ମଧ୍ୟ ୨୦୧୪ ନିର୍ବାଚ଼ନରେ ଟିକେଟରୁ ବଂଚ଼ିତ କରାଯିବା, ୨୦୧୯ ସାଧାରଣ ନିର୍ବାଚ଼ନରେ ତାଙ୍କୁ ହରାଇବାକୁ ଚ଼କ୍ରାନ୍ତ ହେବା ଭଳି ତିକ୍ତ ଅନୁଭୂତିକୁ ଦୃଷ୍ଟିରେ ରଖି ସେ ବିଜେଡିର କିଛି ବରିଷ୍ଠ ନେତାମାନଙ୍କ ପରାମର୍ଶରେ ବିଦ୍‌ରୋହୀ ପ୍ରାର୍ଥୀ ଭାବେ ଉପନିର୍ବାଚ଼ନ ରଣାଙ୍ଗନକୁ ଓହ୍ଲାଇଥିବା ସୂଚ଼ନା ମିଳିଛି ।ବିଶେଷକରି ରାଜେନ୍ଦ୍ରଙ୍କ ସହ ଗତ କିଛିବର୍ଷ ଧରି ଭଦ୍ରକ ସାଂସଦଙ୍କ ପତି ମୁକ୍ତିକାନ୍ତ ମଣ୍ଡଳ ଓ ଚ଼ାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କ ଛକାପଞ୍ଝା ଚ଼ାଲିଥିବାରୁ ତାଙ୍କୁ ପ୍ରାର୍ଥୀ ନକରାଇ ଦେବାକୁ ବିରୋଧୀ ଗୋଷ୍ଠୀ ସକ୍ରିୟ ହୋଇପଡିଥିଲା । ଆଉ ତୋଷାମଦକାରୀ ଅନଭିଜ୍ଞ ନେତାମାନଙ୍କ କଥାରେ ବିଜେଡି ନେତୃତ୍ୱ ଧାମନଗର ଉପନିର୍ବାଚ଼ନରେ ରାଜେନ୍ଦ୍ରଙ୍କୁ ପ୍ରାର୍ଥୀ କରିବା ନିଷ୍ପତ୍ତିରୁ ଓହରି ଯାଇଥିଲେ । ଯଦିଓ ଏହି ଆସନରେ ପ୍ରାର୍ଥୀ ହେବା ନେଇ ରାଜେନ୍ଦ୍ରଙ୍କୁ ଗତ କିଛିଦିନ ହେଲା ଦଳ ପକ୍ଷରୁ ବାରମ୍ବାର ଆଶସ୍ତ କରାଯାଉଥିଲା ବୋଲି ଜଣାପଡିଛି ।ବିଜେଡିର ଜଣେ ବରିଷ୍ଠ ନେତା ନିଜ ନାମ ଗୁପ୍ତ ରଖିବା ସର୍ତ୍ତରେ କହିଛନ୍ତି ଯେ, ରାଜେନ୍ଦ୍ର ଆଜି ନାମାଙ୍କନ ପତ୍ର ଦାଖଲ କରିବା ପରେ ଦଳର ମାମଲାତି କରୁଥିବା କିଛି ଅନଭିଜ୍ଞ ନେତାମାନଙ୍କୁ ଶକ୍ତ ଚ଼ାପୁଡା ଲାଗିଛି । ନିଜସ୍ୱ ଅହଙ୍କାରକୁ ପୂର୍ତ୍ତି କରିବା ନିମନ୍ତେ ୪–୫ଜଣ ହାତଗଣତି ନେତା ଏବେ ବିଜେଡି ନେତୃତ୍ୱଙ୍କୁ ବିଭ୍ରାନ୍ତ କରି ଦଳକୁ ତଳିତଳାନ୍ତ କରିବାରେ ଲାଗିଛନ୍ତି । ଉପରକୁ ସବୁ ଠିକ୍ ଦିଶୁଥିଲେ ମଧ୍ୟ ଦଳ ଏବେ ବିପର୍ଯ୍ୟୟ ଆଡକୁ ମୁହାଁଇବାରେ ଲାଗିଛି। ପ୍ରଥମଥର ପାଇଁ ଗୋଟିଏ ଉପନିର୍ବାଚ଼ନରେ ମାତ୍ର ୨ଟି ଜିଲ୍ଲାର ନେତାମାନଙ୍କୁ ସାମିଲ କରାଯାଇଛି । ଯଦିଓ ଦଳ ପାଖରେ ବେଶ୍ ଅଭିଜ୍ଞ ନେତା ରହିଛନ୍ତି। ତା'ଛଡା ଦଳର ବରିଷ୍ଠ ପର୍ଯ୍ୟବେକ୍ଷକ ପ୍ରତାପ ଜେନାଙ୍କୁ ଏହି ସମସ୍ତ ନିର୍ବାଚ଼ନ ପ୍ରକ୍ରିୟାରୁ ଦୂରେଇ ରଖାଯାଇଛି ।ଭଦ୍ରକ ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରଣବ ବଳବନ୍ତରାୟ ନିଜକୁ ସୁହାଇବା ଭଳି ନେତାଙ୍କୁ ନେଇ ଦଳୀୟ ପ୍ରଚ଼ାର ମଇଦାନକୁ ଓହ୍ଲାଇଛନ୍ତି। ଯେଉଁଥିପାଇଁ ଦଳର ରାଜ୍ୟସ୍ତରୀୟ ନେତାମାନେ ଧାମନଗର ଉପନିର୍ବାଚ଼ନରେ ସାମିଲ ହୋଇପାରିନାହାନ୍ତି। ରାଜେନ୍ଦ୍ର ଦାସ ଦଳର ଜଣେ ଶୃଙ୍ଖଳିତ ସଦସ୍ୟ ଭାବେ ଧାମନଗରରେ ସଂଗଠନକୁ ସୁଦୃ? କରି ରଖିଥିଲେ। ତାଙ୍କୁ ଟିକେଟରୁ ବଂଚ଼ିତ କରାଯିବା ଉଚ଼ିତ୍ ହୋଇନି । ସୁପ୍ରିମୋଙ୍କ ଜାଣତରେ ଏସବୁ ହୋଇଥିଲେ ତାଙ୍କୁ ସେ ଅନ୍ୟ କିଛି ପଦପଦବୀ ଦେଇ ବୁଝାଇପାରିଥାନ୍ତେ । ମାତ୍ର ସେଭଳି ସୁଯୋଗ ଏବେ ବିଜେଡିରେ ନାହିଁ ବୋଲି ଏହି ନେତାଜଣକ କ୍ଷୋଭର ସହ କହିଛନ୍ତି ।ଚ଼ର୍ଚ୍ଚା ହେଉଛି, ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ତାଙ୍କ ପରାମର୍ଶଦାତାଙ୍କ ସହ ସିଧାସଳଖ ଯୋଗାଯୋଗ କରିବା ଦଳୀୟ ନେତାଙ୍କ ପକ୍ଷେ ସମ୍ଭବପର ନଥିବାରୁ ତା'ର ସୁଯୋଗ ନେଇ କିଛି ତୋଷାମଦକାରୀ ଅନଭିଜ୍ଞ ନେତାମାନେ ଏବେ ବିଜେଡିକୁ ତଳିତଳାନ୍ତ କରିବାରେ ଲାଗିଛନ୍ତି । ଆଉ ସେମାନଙ୍କ ଉପରେ ଭରସା କରି ବିଜେଡି ନେତୃତ୍ୱ ଯେଉଁ ନିଷ୍ପତ୍ତି ନେଉଛନ୍ତି ତାହା ଦଳ ପାଇଁ ବୁମେରାଂ ହେବାରେ ଲାଗିଛି । ଯଦି ସଂଗଠନକୁ ଚ଼ଳାଇବା ନିମନ୍ତେ ଏହି ମନମୁଖୀ ପରିଚ଼ାଳନାର ଧାରା ବଜାୟ ରୁହେ ଓ ବରିଷ୍ଠ ତଥା ଅଭିଜ୍ଞ ନେତାମାନଙ୍କୁ ଅଣଦେଖାର ସମ୍ମୁଖୀନ ହେବାକୁ ପଡ଼ ?, ତା'ହେଲେ ଆଗାମୀ ୨୦୨୪ ସାଧାରଣ ନିର୍ବାଚ଼ନବେଳକୁ ବିଜେଡି ବିଭାଜନର ଦ୍ୱାରଦେଶରେ ପହଂଚ଼ି ସାରିଥିବ । ଯାହାର ଆଭାସ ଏବେ ଧାମନଗରରେ ମିଳିଛି ବୋଲି ରାଜନୀତିକ ମହଲରେ ଚ଼ର୍ଚ୍ଚା ।

# ଜୀବନ ଥିଲା ଯାଏଁ ବିଜେପିରେ ମିଶିବିନି: ନୀତୀଶ



ପାଟନା,୧୪।୧୦(ପି.ଏନ): ବିଜେପିର ହାତ ଛାଡିବା ପରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନିଶାନା। ସିଧା ସିଧା କହିଛନ୍ତି ନୀତୀଶ, ଜୀବନ ଥିଲା ଯାଏଁ ବିଜେପିରେ ଆଉ ମିଶିବେନି। ବିହାର ସମସ୍ତିପୁରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ନୀତୀଶ କହିଛନ୍ତି, ବର୍ତ୍ତମାନ ଥିବା ସରକାର ନା କାହା ସହ ଆଲୋଚ଼ନା କରୁଛନ୍ତି ନା କାହା କଥା ଶୁଣୁଛନ୍ତି। କେଉଁ ରାଜ୍ୟର ବିକାଶ ବି କରୁନାହାନ୍ତି। ଏହାପୂର୍ବରୁ ଯେଉଁମାନେ ଥିଲେ ସେମାନେ କେତେ କାମ କରୁଥିଲେ ବୋଲି କହିଛନ୍ତି ନୀତୀଶ ।ନୀତୀଶ କହିଛନ୍ତି, ଅଟଳ ବିହାରୀ ବାଜପେୟୀ, ଆଡଭାନୀ, ଯୋଶୀ ଭଳି ନେତା କାମ କରୁଥିଲେ। ଏହି ଦଳର ଅସଲ ନେତା ସେମାନେ ଥିଲେ, ସେମାନେ ଦଳକୁ ଗଢିଥିଲେ। ଏବେ ସେ ଦଳ ଛାଡିଛନ୍ତି ଏବଂ ସାରା ଜୀବନ ଆଉ ସାଥ୍ ଦେବେନି ବୋଲି ପରୋକ୍ଷରେ ବିଜେପିକୁ କଟାକ୍ଷ କରି କହିଛନ୍ତି ନୀତୀଶ କୁମାର। ଏପରିକି ସମାଜସେବା ଓ ଦେଶର ବିକାଶ ଚ଼ାହୁଁଥିବା ସମସ୍ତ ଦଳ ଏକାଠି ହୋଇ ଦେଶର ଉନ୍ନତି ପାଇଁ କାମ କରିବେ ବୋଲି କହିଛନ୍ତି।

# ୧୮ବେଳକୁ ଘୂର୍ଣ୍ଣିବଳୟ , ୨୦ରେ ଲଘୁଚାପ

ଭୁବନେଶ୍ୱର,୧୪।୧୦(ପି.ଏନ): ଆସନ୍ତା ୨୦ ତାରିଖ ବେଳକୁ ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆସନ୍ତା୧୮ ତାରିଖ ବେଳକୁ ଉତ୍ତର ଆଣ୍ଡାମାନସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ପରେ ଏହା ପଶ୍ଚିମ ଉତ୍ତର-ପଶ୍ଚିମକୁ ଗତି କରି ଘନୀଭୂତ ହୋଇପାରେ। ୨୦ ତାରିଖରେ ପଶ୍ଚିମ ବଙ୍ଗୋପସାଗରରେ ଏହା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ଲଘୁଚାପ ରୂପରେଖ କ'ଣ ରହିବ ସେନେଇ ଆକଳନ କରାଯାଇ ନାହିଁ। ତେବେ ବାତ୍ୟା ନେଇ କୌଣସି ସୂଚନା ଜାରି କରାଯାଇ ନାହିଁ।ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ବାଲେଶ୍ୱର, ପୁରୀ , ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି, କେନ୍ଦୁଝର, ମୟୁରଭଂଜ, ଢେଙ୍କାନାଳ, କନ୍ଧମାଳ, ରାୟଗଡା , ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧୫ରୁ ୧୬ ତାରିଖ ମଧ୍ୟରେ ଗଜପତି,ଗଂଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା , ରାୟଗଡା , କୋରାପୁଟ ଓ ମାଲକାନଗିରି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଅପରପକ୍ଷରେ ଆଜି ଉତରାଖଣ୍ଡ, ଉତର-ପ୍ରଦେଶ, ଗୁଜୁରାଟ ର ଅବଶିଷ୍ଟ ଅଂଚଳରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ସମ୍ପୂର୍ଣ୍ଣ ଭାବେ ଅପସାରଣ ହୋଇଥିବା ବେଳେ ବିହାର, ଝାଡ଼ଖଣ୍ଡ, ଛତିଶଗଡ ଏବଂ ମହାରାଷ୍ଟ୍ରରୁ ଆଂଶିକ ଭାବେ ଅପସାରଣ ହୋଇଛି। ଆଗାମୀ ୩ ଦିନ ମଧ୍ୟରେ ପୂର୍ବ-ଭାରତ ଆହୁରି ଅନେକ ଅଂଚଳରୁ ମୌସୁମୀ ଅପସାରଣ ହେବା ପାଇଁ ପାଗ ଧୀରେ ଧୀରେ ଅନୁକୂଳ ହେଉଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

## ଓସିଏ ସଭାପତି ହେବେ ପ୍ରଣବ ପ୍ରକାଶ

ଭୁବନେଶ୍ୱର,୧୪।୧୦(ପି.ଏନ): ଓଡିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ସଭାପତି ହେବେ ବିଧାୟକ ପ୍ରଣବ ପ୍ରକାଶ ଦାସ । ଓଡ଼ିଶା କ୍ରିକେଟ୍ ଆସୋସିଏସନ ନିର୍ବାଚନ ନେଇ ପୁରୀରେ ବୈଠକ ଶେଷ ହୋଇଥିବା ବେଳେ ସର୍ବସମ୍ମତ କ୍ରମେ ସଭାପତି ପଦ ପାଇଁ ପ୍ରାର୍ଥୀ ହୋଇଛନ୍ତି ପ୍ରଣବ ପ୍ରକାଶ ଦାସ । ସଂଜୟ ବେହେରା ସଂପାଦକ ଓ ପଙ୍କଜ ଲୋଚନ ମହାନ୍ତି ଉପସଭାପତି ପ୍ରାର୍ଥୀ ହେବେ। ସେହିପରି ଯୁଗ୍ମ ସଂପାଦକ, କୋଷାଧ୍ୟକ୍ଷ ଓ ଗୋଟିଏ କାଉନସିଲ ପଦ ପାଇଁ ନାମ ଚୂଡାନ୍ତ କରିବାକୁ ଦାୟିତ୍ୱ ପୂର୍ବତନ ସମ୍ପାଦକ ଆଶିର୍ବାଦ ବେହେରାଙ୍କ ଉପରେ ଛଡାଯାଇଛି । ଆସନ୍ତା ୨୧ରେ ଓସିଏ ନିର୍ବାଚନ ନେଇ ନାମାଙ୍କନ ଦାଖଲ କରାଯିବ। ୨୨ରେ ଯାଂଚ ଓ ଅଭିଯୋଗ ଗ୍ରହଣ କରାଯିବା ସହିତ ନାମ ପ୍ରକାଶ କରାଯିବ। ୨୩ ତାରିଖରେ ପ୍ରାର୍ଥୀ ପତ୍ର ପ୍ରତ୍ୟାହାର ପରେ ଚୂଡାନ୍ତ ତାଲିକା ପ୍ରକାଶ କରାଯିବ। ଆବଶ୍ୟକ ହେଲେ ୨୮ରେ ନିର୍ବାଚନ ହୋଇପାରେ।

## ଏନ୍‌ଆଇଏଲ୍‌ଡିର ନିର୍ଦ୍ଦେଶକ ଦାୟିତ୍ୱ ନେଲେ ଡକ୍ଟର ପତିତପାବନ ମହାନ୍ତି

କଟକ/ଭୁବନେଶ୍ୱର, ୧୪।୧୦(ପି.ଏନ): କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଅଧୀନ କୋଲକାତାସ୍ଥିତ ରାଷ୍ଟ୍ରୀୟ ଗତିଶୀଳ ଦିବ୍ୟାଙ୍ଗଜନ ସଂସ୍ଥାନ (ଏନ୍‌ଆଇଏଲ୍‌ଡି)ର ନିର୍ଦ୍ଦେଶକ ଦାୟିତ୍ୱ ଡକ୍ଟର ପତିତପାବନ ମହାନ୍ତିଙ୍କୁ ପ୍ରଦାନ କରାଯାଇଛି।

# ୧୭ରେ ବିଏମସି କମିଶନରଙ୍କୁ ଘେରିବେ ଉଠାଦୋକାନୀ

ଭୁବନେଶ୍ୱର,୧୪।୧୦(ପି.ଏନ): ଉଚ୍ଛେଦ ପ୍ରତିବାଦରେ ଉଠାଦୋକାନୀମାନଙ୍କ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ରାଜମହଲ ଛକ ଠାରେ ରାସ୍ତାରୋକ କରାଯାଇଛି। ଗତକାଲି ରାତିରେ ଅଚାନକ ଅଶୋକନଗର ଅଂଚଳରେ ଉଠାଦୋକାନଗୁଡିକୁ ଭାଙ୍ଗିବା ପ୍ରତିବାଦରେ ଆସନ୍ତା ୧୭ ତାରିଖ ସୋମବାର ଉଠାଦୋକାନୀମାନେ ବିଏମ୍‌ସି କମିଶନରଙ୍କୁ ଘେରାଉ କରିବେ ବୋଲି ଭୁବନେଶ୍ୱର ଉଠା ଦୋକାନୀ ବ୍ୟବସାୟୀ ସଂଘର ସଭାପତି ସୁର ଜେନା ଏକ ପ୍ରେସ୍ ବିବୃତିରେ କହିଛନ୍ତି। ସେ କହିଛନ୍ତି ଯେ ଭୁବନେଶ୍ୱରରେ ଏହି ଉଠା ଦୋକାନୀଙ୍କ ସଂଖ୍ୟା ପ୍ରାୟ ୩୫ ହଜାର ଓ ସମଗ୍ର ଦେଶରେ ୫୦ ଲକ୍ଷରୁ ଉର୍ଦ୍ଧ୍ୱ। ଏମାନଙ୍କ ପରିବାରର ଜନସଂଖ୍ୟା ହିସାବ କଲେ ପାଖାପାଖି ୩ କୋଟି ହେବ। 'ଉଠାଦୋକାନୀ ବିକାଶ ସୁରକ୍ଷା ଓ ପଥ ବିକ୍ରେତା ବିନିୟମ'ଆଇନ ଅନୁସାରେ ଉଠା ଦୋକାନୀମାନଙ୍କର ସର୍ଭେ କରି ସେମାନଙ୍କୁ ପରିଚୟ ପତ୍ର ପ୍ରଦାନ ପୂର୍ବକ ଥଇଥାନ କରାଯିବା କଥା। ଭୁବନେଶ୍ୱରରେ ଆଂଶିକ ସର୍ଭେ ହୋଇ ୩୫ ହଜାର ଉଠାଦୋକାନୀଙ୍କୁ ପରିଚୟପତ୍ର କିମ୍ବା କୁପନ ଦିଆଯାଇଥିବାବେଳେ ରାସ୍ତା ଉପରୁ ଠେଲା ହଟାଯିବ ବୋଲି କମିଶନର ଘୋଷଣା କରିବା ଆଶ୍ଚର୍ଯ୍ୟଜନକ। ବିଏମ୍‌ସି କ'ଣ ଭାରତ ବାହାରେ ଓ ଏହାର କମିଶନର କଣ ପାର୍ଲାମେଂଟଠାରୁ ଉର୍ଦ୍ଧ୍ୱରେ ବୋଲି ସୁର ଜେନା ପ୍ରଶ୍ନ କରିଛନ୍ତି। ଏ ପ୍ରକାର ଉଦ୍ଭଟ ଓ ବେଆଇନ ନିଷ୍ପତିକୁ ତୁରନ୍ତ ପ୍ରତ୍ୟାହାର ନ କଲେ ଏହା ବିରୋଧରେ ଆନ୍ଦୋଳନ ସହିତ ଅଦାଲତର ମଧ୍ୟ ଆଶ୍ରୟ ନିଆଯିବ।

# ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟଙ୍କର ଦାୟିତ୍ୱ ଗ୍ରହଣ



ଭୁବନେଶ୍ୱର,୧୪।୧୦(ପି.ଏନ): ନୂତନ ଭାବେ ମନୋନୀତ ରାଜ୍ୟ ଯୋଜନା ବୋର୍ଡ଼ର ସଦସ୍ୟ ତଥା ଭୁବନେଶ୍ୱରର ପୂର୍ବତନ ସାଂସଦ ଡକ୍ଟର ପ୍ରସନ୍ନ ପାଟଶାଣୀ ଏବଂ ବ୍ରହ୍ମପୁରର ପୂର୍ବତନ ବିଧାୟକ ଡକ୍ଟର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଗୁରୁବାର ସଚିବାଳୟରେ ଯୋଜନା ଏବଂ ସମନ୍ୱୟ ବିଭାଗର ମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ଢୋଲକିଆଙ୍କୁ ଭେଟି ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ପାଟଶାଣୀ କହିଛନ୍ତି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ତାଙ୍କ ଉପରେ ଯେଉଁ ଦାୟିତ୍ୱ ନ୍ୟସ୍ତ କରିଛନ୍ତି ତାହାକୁ ସେ କରିବା ପାଇଁ ନିଜର ଶ୍ରେଷ୍ଠ ଉଦ୍ୟମ ଦେବେ ଏବଂ ରାଜ୍ୟ ଯୋଜନା ବୋର୍ଡ଼ର କାର୍ଯ୍ୟକୁ ତ୍ୱରାନ୍ୱିତ କରି ସମସ୍ତ ସମନ୍ୱୟ ରକ୍ଷାକରି ଦେଶରେ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଚେଷ୍ଟା କରି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବେ। ସୂଚନା ଯୋଗ୍ୟ ଯେ, ଗତ ନଅ ତାରିଖରେ ଡକ୍ଟର ପ୍ରସନ୍ନ ପାଟଶାଣୀ ଏବଂ ଡକ୍ଟର ରମେଶ ଚ୍ୟାଉ ପଟ୍ଟନାୟକଙ୍କୁ ରାଜ୍ୟ ଯୋଜନା ବୋର୍ଡ଼ର ସଦସ୍ୟ ଭାବେ ମନୋନୀତ ହେଇଥିବା ବେଳେ ସରକାର ଉଭୟଙ୍କୁ କ୍ୟାବିନେଟ ମନ୍ତ୍ରୀ ପାହ୍ୟା ପ୍ରଦାନ କରିଛନ୍ତି। ଏହା ସହିତ ପୂର୍ବତନ ବିଧାୟକ ସାଧୁ ନେପାକଙ୍କୁ ମଧ୍ୟ ସରକାର ଯୋଜନା ବୋର୍ଡ଼ର ସଦସ୍ୟ ଭାବେ ମନୋନୀତ କରି ରାଷ୍ଟ୍ରମନ୍ତ୍ରୀ ପାହ୍ୟା ପ୍ରଦାନ କରଛନ୍ତି।

# ନିବେଶକ ସମ୍ମିଳନୀ: ବିବାଦୀୟ ଶିଳ୍ପମନ୍ତ୍ରୀଙ୍କୁ ନେଇ ଅନିଶ୍ଚିତତା



ଭୁବନେଶ୍ୱର,୧୪।୧୦(ପି.ଏନ): ଓଡିଶାରେ ପୁଞ୍ଜିନିବେଶକଙ୍କୁ ଆକୃଷ୍ଟ କରିବା ପାଇଁ ହାଇଦ୍ରାବାଦରେ ନିବେଶକ ସମ୍ମିଳନୀ ଆସନ୍ତା ୧୭ତାରିଖରେ ଫିକ୍କି ସହଯୋଗରେ ଆୟୋଜିତ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ସହ ନିବେଶକମାନଙ୍କୁ ସାକ୍ଷାତ ଏବଂ ନିବେଶକ ସମ୍ମିଳନୀକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି । ତେବେ ସେକ୍ସ ସ୍କାଣ୍ଡାଲରେ ବିବାଦୀୟ ହୋଇପଡିଥିବା ରାଜ୍ୟ ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଏହି କାର୍ଯ୍ୟକ୍ରମରେ ସାମିଲ ହେବାକୁ ନେଇ ଅନିଶ୍ଚିତତା ଦେଖାଦେଇଛି ।ମିଳିଥିବା ସୂଚ଼ନା ଅନୁସାରେ, ସେକ୍ସ ସ୍କାଣ୍ଡାଲର ମାଷ୍ଟରମାଇଣ୍ଡ ଅର୍ଚ୍ଚନା ନାଗ ଗିରଫ ହେବା ପରଠୁ ତାଙ୍କ ସହ ସମ୍ପର୍କରେ ଥିବା ରାଜନେତା ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଉପରେ ଡେମୋକ୍ଲିସ୍ ଖଡଗ ଝୁଲିବାରେ ଲାଗିଛି । ଧାମନଗର ଉପନିର୍ବାଚ଼ନକୁ ଦୃଷ୍ଟିରେ ରଖି ଶାସକ ଦଳର ଇଙ୍ଗିତରେ ଏହି ତଦନ୍ତ ପ୍ରକ୍ରିୟା ଏବେ ଧିମେଇ ଯାଇଥିଲେ ମଧ୍ୟ ସେକ୍ସ ସ୍କାଣ୍ଡାଲରେ ଯେଉଁ ନେତାମାନଙ୍କ ସମ୍ପୃକ୍ତିର ଅଭିଯୋଗ ଆସୁଛି, ସେମାନେ କେହି ବି କ୍ୟାମେରା ସମ୍ମୁଖରେ ଏହାକୁ ଖଣ୍ଡନ କରୁନଥିବା ଦେଖାଦେଇଛି । ରାଜ୍ୟ ଶିଳ୍ପ ଓ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ ସହ ସେକ୍ସ କୁଇନ୍ ଅର୍ଚ୍ଚନାଙ୍କ କଥାବାର୍ତ୍ତାର ଏକ ଅଡିଓ ସୋସିଆଲ ମିଡିଆରେ ଘୁରି ବୁଲୁଥିବାକୁ ଆଧାର କରି କଂଗ୍ରେସ ତାଙ୍କର ଇସ୍ତଫା ଦାବି କରି କୁଶ ପୁତ୍ତଳିକା ଦାହ କରିବା ପରେ ଶିଳ୍ପ ମନ୍ତ୍ରୀ ଶ୍ରୀ ଦେବ ଗଣମାଧ୍ୟମଠୁ ଦୂରେଇ ରହିଛନ୍ତି । ଅର୍ଚ୍ଚନାଙ୍କ ସହ ତାଙ୍କର କୌଣସି ସମ୍ପର୍କ ନାହିଁ ବୋଲି ସେ ନିଜ ଆଡୁ ସଫେଇ ମଧ୍ୟ ଦେଉ ନଥିବାରୁ ତାଙ୍କ ପ୍ରତି ସାଧାରଣରେ ସନ୍ଦେହ ବଢ଼ିବାରେ ଲାଗିଛି । କେବଳ ପ୍ରତାପ ଦେବ ନୁହଁନ୍ତି , ଅର୍ଚ୍ଚନାଙ୍କ ସହ ସମ୍ପର୍କରେ ରହିଥିବା ସମସ୍ତଙ୍କ ସମ୍ପର୍କରେ ବିସ୍ତୃତ ତଥ୍ୟ କମିଶନରେଟ ପୁଲିସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପ୍ରଦାନ କରାଯାଇଥିବା ଜଣାପଡିଛି । ଏହାର ଅଧିକ ସତ୍ୟାସତ୍ୟ ଜାଣିବା ନିମନ୍ତେ ସେସବୁ ଭିଡିଓ-ଅଡିଓ ଓ ଫଟୋଚ଼ିତ୍ରର ଯାଂଚ଼ କାର୍ଯ୍ୟ ମଧ୍ୟ କମିଶନରେଟ ପୁଲିସ ଶେଷ କରିଥିବା ସୂଚ଼ନା ମିଳିଛି । ଏହି କାରଣରୁ ବିବାଦୀୟ ଶିଳ୍ପ ମନ୍ତ୍ରୀ ଶ୍ରୀ ଦେବଙ୍କୁ ହାଇଦ୍ରାବାଦରେ ୧୭ତାରିଖରେ ହେବାକୁ ଥିବା ନିବେଶକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ସହ ମଂଚ଼ ଶେୟାର କରାଇବାକୁ ତୃତୀୟ ମହଲା ଚ଼ାହୁଁନଥିବା ଜଣାପଡିଛି । ସେହିପରି ହାଇଦ୍ରାବାଦସ୍ଥିତ ବିଜେପି ସମର୍ଥିତ ଓଡିଆ ସଂଗଠନ ପକ୍ଷରୁ ସେକ୍ସ ସ୍କାଣ୍ଡାଲରେ ବିବାଦୀୟ ଶିଳ୍ପ ମନ୍ତ୍ରୀ ଶ୍ରୀ ଦେବଙ୍କୁ ବିରୋଧର ସମ୍ମୁଖୀନ ହେବାର ଆଶଙ୍କା ରହିଛି । ତା'ଛଡା ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ଜନ୍ମଦିନ ଅକ୍ଟୋବର ୧୬ରେ ହୋଇଥିବାବେଳେ ସେ ଉକ୍ତଦିନ ହାଇଦ୍ରାବାଦ ଗସ୍ତ କରୁଥିବାରୁ ସେଠାରେ ତାଙ୍କୁ ଓଡିଆ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯିବାର କାର୍ଯ୍ୟକ୍ରମ ରହିଛି । ଏସବୁକୁ ଦୃଷ୍ଟିରେ ରଖି ହାଇଦ୍ରାବାଦରେ ହେବାକୁ ଥିବା ନିବେଶକ ସମ୍ମିଳନୀରୁ ଶିଳ୍ପ ମନ୍ତ୍ରୀ ପ୍ରତାପ ଦେବଙ୍କୁ ଦୂରେଇ ରଖାଯାଇ ପାରେ ବୋଲି ତାଙ୍କ ବିଭାଗ ସୂତ୍ରରୁ ସୂଚ଼ନା ମିଳିଛି । ସୂଚ଼ନାଯୋଗ୍ୟ, ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ଆତ୍ମହତ୍ୟା ଘଟଣାରେ ବିବାଦୀୟ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ସନ୍ଦେହଜନକ ଭୂମିକାକୁ ନେଇ ଅଭିଯୋଗ ହେବା ପରେ ତାଙ୍କଠୁ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ଦୂରତ୍ୱ ରକ୍ଷା କରିଥିବାବେଳେ ସାଂଗଠନିକ ଦାୟିତ୍ୱରୁ ତାଙ୍କୁ ମୁକ୍ତ କରିଛି ।

## ବେଆଇନ ଗୁଟଖା କାରଖାନା ଉପରେ ଚଢ଼ଉ : ୨ ଗିରଫ

ଗଞ୍ଜାମ, ୧୪।୧୦(ପି.ଏନ): ବେଆଇନ ଗୁଟଖା କାରଖାନା ଉପରେ ଗୋଳନ୍ଥରା ପୋଲିସ ପକ୍ଷରୁ ଚଢ଼ଉ କରାଯାଇଛି। ଗତକାଲି ସଂଧ୍ୟାରେ ହଳଦିଆପଦର ଓ ଅଟୋନଗର ଠାରେ ପୋଲିସ ପକ୍ଷରୁ ୧୦ କୋଟି ଟଙ୍କାର ଏହି ଗୁଟଖା କାରଖାନା ଠାବ କରାଯାଇଥିଲା ।

# ୩୫ ଓଏଏସ୍ ଅଫିସରଙ୍କ ବଦଳି

ଭୁବନେଶ୍ୱର,୧୪।୧୦(ପି.ଏନ): ଗତକାଲି ୧୩୯ଜଣ ଓଏଏସ୍ ଅଫିସରଙ୍କ ବଦଳି ପରେ ଆଜି ପୁଣି ୩୫ଜଣ ଓଏଏସ୍ ଅଫିସରଙ୍କ ବଦଳି ହୋଇଛି । ତହସିଲଦାର ଓ ବିଡିଓ ସ୍ତରର ଅଫିସରଙ୍କୁ ଆଜି ବଦଳି କରାଯାଇ ଆସନ୍ତାକାଲି ଅପରାହ୍ନ ସୁଦ୍ଧା ନୂଆ ସ୍ଥାନରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚ଼ାଳନା ବିଭାଗ ପକ୍ଷରୁ ୨୦ଜଣ ଏବଂ ପଂଚ଼ାୟତିରାଜ ବିଭାଗ ପକ୍ଷରୁ ୧୫ଜଣ ଓଏଏସ୍ ଅଫିସରଙ୍କ ବଦଳି ନିର୍ଦ୍ଦେଶ ଜାରି ହୋଇଛି । ବିଜ୍ଞପ୍ତି ଅନୁସାରେ ଓଏଏସ୍ ସୌଭାଗ୍ୟ ରଞ୍ଜନ ଦାସଙ୍କୁ ଜଗତସିଂହପୁର ଡେପୁଟି ଜିଲ୍ଲାପାଳ, ପଦ୍ମନାଭ ପୁରୋହିତଙ୍କୁ ଭଟଲି ତହସିଲଦାର, ଚୌଧୁରୀ ପ୍ରଜ୍ଞାନନ୍ଦ ଦାସଙ୍କୁ ଟାଙ୍ଗି-ଚୌଦ୍ୱାର ତହସିଲଦାର, ଅଚ୍ୟୁତାନନ୍ଦ ନାଜିଙ୍କୁ ଭଞ୍ଜନଗର ତହସିଲଦାର, ମୁରଲୀଧର ଉର୍ମିଲଙ୍କୁ ଲଇକେରା ତହସିଲଦାର, ଶକ୍ତି ମହାପାତ୍ରଙ୍କୁ କୋଟପାଡ ତହସିଲଦାର, ବସନ୍ତ କୁମାର ସାହାଣୀଙ୍କୁ ସୋର ତହସିଲଦାର ଓ ମଧୁସୂଦନ ନାୟକଙ୍କୁ କାଶୀନଗର ତହସିଲଦାର ଭାବେ ବଦଳି କରାଯିବା ସମେତ ମୋଟ ୨୦ଜଣ ଓଏଏସଙ୍କୁ ବଦଳି କରାଯାଇଛି ।ସେହିପରି ପଂଚ଼ାୟତିରାଜ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ କରୁଣାକର ଧିଣ୍ଡାଙ୍କୁ ସୋର ବିଡିଓ, ବିନୋଦ ଚ଼ନ୍ଦ୍ର ପଣ୍ଡାଙ୍କୁ ବାଲିଆପାଳ ବିଡିଓ, ଦୀନମଣୀ ନାଏକଙ୍କୁ ବସ୍ତା ବିଡିଓ, ଜ୍ଞାନରଞ୍ଜନ ସାହୁଙ୍କୁ ନୀଳଗିରି ବିଡିଓ, ଅଭିଷେକ ଦାଶଙ୍କୁ ଔପଦା ବିଡିଓ, ସୁରେନ୍ଦ୍ର ମେହେରଙ୍କୁ ଦେଓଗାଁ ବିଡିଓ, ସୁଚ଼ିତ୍ରା ମୁର୍ଗିଙ୍କୁ କର୍ଲାମୁଣ୍ଡା ବିଡିଓ, ଶିବପ୍ରସାଦ ପଟ୍ଟନାୟକଙ୍କୁ ନବରଙ୍ଗପୁର ବିଡିଓ, ଲୋଚ଼ନ ଦାସଙ୍କୁ ସତ୍ୟବାଦୀ ବିଡିଓ, ପବିତ୍ର କୁମାର ବେହେରାଙ୍କୁ କଣାସ ବିଡିଓ, ପ୍ରଭାତୀ ଝୋଡିଆଙ୍କୁ ରାମନାଗୁଡା ବିଡିଓ, ଦୁର୍ଗାଚ଼ରଣ ମୁର୍ମୁଙ୍କୁ କଙ୍କାଡାହାଡ ବିଡିଓ, ସୁଧୀର ସିଂଙ୍କୁ କେ.ନୂଆଗାଁ ବିଡିଓ, ତପନ କୁମାର ସେନାପତିଙ୍କୁ ମୟୂରଭଞ୍ଜ ଜିଲ୍ଲାର ଜିବିନଗର ବ୍ଲକ ବିଡିଓ ଓ ପ୍ରେମାନନ୍ଦ ବେହେରାଙ୍କୁ ରରୁଆଁ ବିଡିଓ ଭାବେ ବଦଳି କରାଯାଇଛି ।

# ନାଭାଲ ଅଫିସର ଓ ଡାକ୍ତର ପରିଚୟ ଲୋକଙ୍କୁ ଲୁଟୁଥିଲେ ଯୁବକ ଓ ବାନ୍ଧବୀ

ସମ୍ବଲପୁର,୧୪।୧୦(ପି.ଏନ): ନାଭାଲ ଅଫିସର ଓ ଡାକ୍ତରର ପରିଚୟ ଦେଇ ଲୁଟୁଥିଲେ ଦମ୍ପତି। ଏବେ ସେମାନଙ୍କୁ କାବୁ କଲେ ଲୋକେ। ଏଭଳି ଘଟଣା ଘଟିଛି ସମ୍ବଲପୁର ସହରରେ। ଜଣେ ଯୁବକ ନିଜକୁ ନାଭାଲ ଅଫିସରର ପରିଚୟ ଦେଇ ବିଭିନ୍ନ ମୋବାଇଲ ଦୋକାନ, କପଡା ଦୋକାନରୁ ଲକ୍ଷାଧିକ ଟଙ୍କାର ଠକେଇ କରିଥିବା ଅଭିଯୋଗ ହୋଇଛି। ଆଉ ଏହି ଠକେଇରେ ତାଙ୍କର ସାଥ ଦେଇଛନ୍ତି ଜଣେ ଯୁବତୀ। ଯିଏ କି ନିଜକୁ ଜଣେ ଡାକ୍ତର କହୁଥିବା ବେଳେ ଉକ୍ତ ଯୁବକଙ୍କ ସହ ତାଙ୍କର ବିବାହ ଠିକ୍ ହୋଇଥିବା କହିଛନ୍ତି ।ଏହି ଯୁବକ ଜଣକ ହେଲେ ଭଦ୍ରକ ଜିଲ୍ଲାର ବିପ୍ଲବ ପ୍ରଧାନ ଏବଂ ଯୁବତୀ ଜଣଙ୍କ ଅନୁଗୁଳ ଜିଲ୍ଲାର। ଏହି ଦୁଇ ଜଣ କିଛି ଦିନ ହେଲା ସମ୍ବଲପୁର ସହରର ବିଭିନ୍ନ ମୋବାଇଲ ଦୋକାନକୁ ବୁଟସୁଟରେ ଯାଇ ସେଠାରେ ଦାମି ମୋବାଇଲ କିଣୁଥିଲେ। ଆଉ ଟଙ୍କା ଅନଲାଇନ ପେମେଂଟ କରୁଥିଲେ। ହେଲେ ଦୋକାନୀଙ୍କ ଆକାଉଣ୍ଟକୁ ଟଙ୍କା ଆସୁନଥିଲା ।କିନ୍ତୁ ଟଙ୍କା କାଟିଥିବା ମେସେଜ ବିପ୍ଳବ ଦୋକାନୀଙ୍କୁ ଦେଖାଉଥିଲା। ଟଙ୍କା ଯଦି ନଆସେ ଚିନ୍ତା କରିବେନି ମୁଁ ଜଣେ ନାଭାଲ ଅଫିସର, ଆଉ ତାଙ୍କୁ ନାଭାଲ ଅଫିସରର ଏକ ଆଇକାର୍ଡ ଦେଖାଇ ସେଠାରୁ ଚଞ୍ଚକତା କରି ଫେରାର ହେଇ ଯାଉଥିଲେ ।ଏଭଳି ଅନେକ ଦୋକାନରୁ କରିବା ପରେ, ଗତକାଲି ଧନୁପାଲି ଅଞ୍ଚଳରେ ଥିବା ଏକ ମୋବାଇଲ ଦୋକାନକୁ ଯାଇ ଠିକ ଏଭଳି ଠକାମୀ କରୁଥିବା ବେଳେ ଲୋକଙ୍କ ହାତରେ ଧରା ପଡ଼ିଥିଲେ । ଆଉ ଲୋକେ ତାଙ୍କୁ ଧରି ଧନୁପାଲି ପୋଲିସରେ ହସ୍ତାନ୍ତର କରିଥିଲେ। ପୋଲିସ ସମସ୍ତ ଘଟଣାର ଏବେ ତଦନ୍ତ ଜାରି ରଖିଛି । ଅଭିଯୁକ୍ତ ଜଣଙ୍କ ପ୍ରକୃତରେ ନାଭାଲ ଅଫିସର କି ନୁହେଁ ସେନେଇ ଜୋରଦାର ତଦନ୍ତ ଜାରି ରହିଛି।








# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେଓ୍ୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେଓ୍ୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



# ପୁରାଣ କାହାଣୀ

## ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା’ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନିସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ୍ୟ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡ୍ରୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନଂ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧/୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୨, ଅକ୍ଟୋବର ୧୫

# ପ୍ରକୃତ ସ୍ୱାମୀ





ଗୋଟିଏ ସହରରେ ଜଣେ ସ୍ତ୍ରୀ ଲୋକ ରହୁଥିଲେ। ତାଙ୍କର ନାମ ଥିଲା ସ୍ୱର୍ଣ୍ଣମୟୀ। ପିଲାଦିନୁ ସେ ସ୍ୱର୍ଣ୍ଣ-ଅଳଙ୍କାରରେ ସଜେଇ ହୋଇ ରହିବାକୁ ଭଲ ପାଉଥିଲେ। ବୟସ ବଢ଼ିବା ସଙ୍ଗେ ସଙ୍ଗେ ସ୍ୱର୍ଣ୍ଣମୟୀ ଜଣେ ଅଳଙ୍କାର ବ୍ୟବସାୟୀଙ୍କୁ ବିବାହ କରିଥିଲେ। ସ୍ୱର୍ଣ୍ଣମୟୀ ଦେଖିବାକୁ ଅତ୍ୟନ୍ତ ସୁନ୍ଦରୀ ଥିଲେ ଓ ତାଙ୍କର ସମସ୍ତ ଆଶା ସ୍ୱାମୀ ବିଶ୍ୱରୂପ ପୂରଣ କରିଦେଉଥିଲେ। ସ୍ୱର୍ଣ୍ଣମୟୀ ନିଜ ଘରେ ସୁନାରୂପାରେ ତିଆରି କୃଷ୍ଣ, ଲକ୍ଷ୍ମୀ, ସରସ୍ୱତୀ, ଗଣେଶ, ହନୁମାନ ପ୍ରଭୃତି ଦେବାଦେବୀଙ୍କୁ ରଖି ସ୍ୱର୍ଣ୍ଣପଦ୍ମ ଫୁଲରେ ପୂଜା କରୁଥିଲେ। ପୂଜାଘର ଆଗରେ କଡ଼ା ପହରା ରହୁଥିଲା। ସ୍ୱାମୀ ଓ ସ୍ତ୍ରୀଙ୍କ ବ୍ୟତୀତ ଆଉ କାହାକୁ ଯିବାକୁ ଅନୁମତି ମିଳୁ ନ ଥିଲା। ଏପରିକି ସ୍ୱର୍ଣ୍ଣମୟୀ ଓ ତାଙ୍କର ସ୍ୱାମୀ ରୂପା ଥାଳି ଉପରେ ପୂଜା ପାର୍ବଣ ସମୟରେ ହୀରାଖଣ୍ଡର ପୁଷ୍ପାଞ୍ଜଳୀ ଅର୍ପଣ କରୁଥିଲେ। ଦିନେ ବିଶ୍ୱରୂପଙ୍କୁ ତାଙ୍କର ଜଣେ ବନ୍ଧୁ ସତ୍ୟ ବେଦପୁଷ୍ପାଞ୍ଜଳୀ ବୋଲି ଏକ ପୁସ୍ତକ ଉପହାରରେ ଦେଇଥିଲେ। ବିଶ୍ୱରୂପଙ୍କର ପଢ଼ିବା ପାଇଁ ସମୟ ନଥିବାରୁ ସେ ବହିଟିକୁ ତାଙ୍କ ଧର୍ମପତ୍ନୀ ସ୍ୱର୍ଣ୍ଣମୟୀଙ୍କୁ ଦେଲେ ଓ କହିଲେ ବହିଟି ଭାରି ଉପାଦେୟ, ମୂଲ୍ୟବୋଧଭିତ୍ତିକ। ସମୟ ପାଇଲେ ବହିଟିକୁ ପଢ଼ି ବୁଝିପାରିଲେ ଭଲ। ସ୍ୱର୍ଣ୍ଣମୟୀ ସ୍ୱାମୀଙ୍କ କଥାମାନି ସେ ବହିରୁ କିଛି ଧାଡ଼ି ମନେରଖିବାକୁ ଚେଷ୍ଟା କଲେ ଓ ତାଙ୍କର ସ୍ୱାମୀଙ୍କୁ ଏହାର ଅର୍ଥ କ'ଣ ପଚାରି ବୁଝିବାକୁ ମନସ୍ଥ କଲେ। ସେ ମନେରଖିଥିବା ଧାଡ଼ିଟିମାନ ଏହିପରି ଥିଲା- ***"ସହସ୍ରଶୀର୍ଷା ପୁରୁଷଃ ସହସ୍ରାକ୍ଷଃ ସହସ୍ରପାତ୍, ସ ଭୂମିଂ ୱିଶ୍ୱତୋ ୱୃତ୍ୱା ଅତ୍ୟତିଷ୍ଠଦଶାଙ୍ଗୁଳମ୍।"*** ଅର୍ଥ ସର୍ବତ୍ର ବିଦ୍ୟମାନ ପରମପୁରୁଷ ସହସ୍ର ଶିର, ସହସ୍ର ଚକ୍ଷୁ ଅଙ୍ଗବିଶିଷ୍ଟ ଅଟନ୍ତି। ସେ ତାଙ୍କ ପୂର୍ଣ୍ଣ ବିଭାବରେ ସମଗ୍ର ବିଶ୍ୱ ମଧ୍ୟରେ ଦଶ ଆଙ୍ଗୁଳି ପରିମିତ ଆକାରରେ ପରିବ୍ୟାପ୍ତ ହୋଇ ରହିଛନ୍ତି।

ଦିନେ ସେ ବିଶ୍ୱରୂପଙ୍କୁ କହିଲେ ତୁମେ ମତେ ଜୀବନରେ ସବୁକିଛି ଦେଇଛ, ହେଲେ ଏ ଉପରୋକ୍ତ ଶ୍ଳୋକର ଅର୍ଥ କ'ଣ? ଓ ମୁଁ ଭଗବାନଙ୍କର ସେ ରୂପକୁ ଦର୍ଶନ କରିବାକୁ ଚାହୁଁଛି, ତୁମେ ଦୟାକରି ମତେ ତା'ର ଉପାୟ ବତାଇ ଦିଅ। ପ୍ରଥମେ ପ୍ରଥମେ ବିଶ୍ୱରୂପ ଏହାକୁ କର୍ଣ୍ଣପାତ କରୁନଥିଲେ। ଦିନେ ତାଙ୍କ ଘର ଆଗରେ ଥିବା ଏକ ଖୋଲା ପଡ଼ିଆରେ ଜଣେ ଧର୍ମଗୁରୁଙ୍କର ଦର୍ଶନ ଲାଭ ପାଇଁ ପ୍ରବଳ ଭିଡ଼ ହୋଇଥାଏ। ସୋରିଷଟିଏ ପକାଇବାକୁ ମଧ୍ୟ ଜାଗା ନଥାଏ। ମାଳ ମାଳ ମୁଣ୍ଡ ଓ ହାତ ଛଡ଼ା ଅନ୍ୟ କିଛି ଦେଖାଯାଉନଥାଏ। ସେଦିନ ସ୍ୱର୍ଣ୍ଣମୟୀ ଶ୍ଳୋକର ରୂପକୁ ଦେଖାଇ ଦେବାକୁ ଜିଦି ଧରିବାରୁ ସେ କହିଲେ ଜଣେ ସ୍ୱାମୀ ଆସିଛନ୍ତି। ତାଙ୍କୁ ସମସ୍ତେ ସ୍ୱାମୀ ସ୍ୱାମୀ ବୋଲି ଡାକୁଛନ୍ତି। ତେଣୁ ତୁମେ ଝରକା ପାଖକୁ ଯାଅ ଝରକା ଖୋଲି ପରଦା ଆଡ଼େଇ ଦେଖିଲେ ତୁମେ ଶ୍ଳୋକର ଅର୍ଥ ଯାହାକି ଭଗବାନଙ୍କର ବିଶ୍ୱରୂପ ତାକୁ ଦର୍ଶନ କରିପାରିବ। ସ୍ୱର୍ଣ୍ଣପ୍ରଭା ସ୍ୱାମୀଙ୍କ କଥା ମାନି ଝରକା ଖୋଲି ଦେଖନ୍ତି ତ' କେବଳ ମୁଣ୍ଡମାଳ। ସେଦିନ ଉକ୍ତ ଧର୍ମଗୁରୁ ବିଶ୍ୱରୂପଙ୍କର ଅନୁରୋଧକ୍ରମେ ତାଙ୍କ ବାସଭବନକୁ ଆସିଥିଲେ ଓ ସ୍ୱାମୀ-ସ୍ତ୍ରୀ ଘର ଭିତରର ମନ୍ଦିରକୁ ତାଙ୍କୁ ଦର୍ଶନ କରାଇଥିଲେ। ସେଦିନ ସ୍ୱାମୀ-ସ୍ତ୍ରୀ ଉଭୟେ ତାଙ୍କୁ ସ୍ୱାମୀ ସ୍ୱାମୀ ବୋଲି ସମ୍ବୋଧନ କରୁଥିଲେ ଓ ତାଙ୍କର ଆତିଥ୍ୟରେ ସନ୍ତୁଷ୍ଟ ହୋଇ ଧର୍ମଗୁରୁ ତାଙ୍କୁ ଶୂନ୍ୟରୁ କାଢ଼ି କିଛି ବିଭୂତି ପ୍ରଦାନ କରିଥିଲେ।

ଏହି ଘଟଣାର କିଛିଦିନ ପରେ ବିଶ୍ୱରୂପଙ୍କର ଦେହାନ୍ତ ହୋଇଥିଲା। ସବୁ ଆଶା ପୂରଣ କରି ପାରୁଥିବା ବିଶ୍ୱରୂପଙ୍କର ମୃତ୍ୟୁରେ ସ୍ୱର୍ଣ୍ଣମୟୀ ଅତ୍ୟନ୍ତ ମର୍ମାହତ ହୋଇଥିଲେ। ଯେଉଁ ସ୍ୱାମୀଙ୍କ ପାଇଁ ସେ ଭଗବାନଙ୍କୁ ପ୍ରାର୍ଥନା କରୁଥିଲେ ତାଙ୍କ ଅନୁପସ୍ଥିତିରେ ଭଗବାନଙ୍କର ଆଉ ପୂଜା ଲୋଡ଼ା ନାହିଁ ଭାବି ସେ ଘରେ ଥିବା ମନ୍ଦିର ଗୃହକୁ ପ୍ରବେଶ କଲେନାହିଁ। ଏକ ଶୃଙ୍ଗାରର ନାରୀକୁ ବ୍ୟବସାୟ ବାଣିଜ୍ୟ, ସଂସାରର ଚାପ ମର୍ମାହତ କରୁଥିଲା। ସେ ନିଜର ଶୃଙ୍ଗାର ମଧ୍ୟ ଆଉ କଲେନାହିଁ। ସବୁବେଳେ ଭାବୁଥିଲେ ଏ ଜୀବନର ଆଉ କି ମୂଲ୍ୟ! ଦିନେ ପ୍ରାତଃ ସମୟରେ ଉକ୍ତ ଧର୍ମଗୁରୁ ସ୍ୱର୍ଣ୍ଣମୟୀଙ୍କର ବାସଭବନକୁ ତାଙ୍କର କେତେକ ଶିଷ୍ୟଙ୍କୁ ଧରି ହଠାତ୍ ଆଗମନ କଲେ। ଏପରି ଜଣେ ଅତି ବିଶିଷ୍ଟ ଗୁରୁଙ୍କୁ ଘରେ ଅଚାନକ ପଦାର୍ପଣ କରିଥିବାର ଦେଖି ସ୍ୱର୍ଣ୍ଣମୟୀ ବିମୋହିତ ହୋଇଯାଇଥିଲେ ଓ ସ୍ୱାମୀ ସ୍ୱାମୀ କହି ପାଦତଳେ ପଡ଼ି ଲୋତକ ଝରାଇଥିଲେ। ଗୁରୁ (ସ୍ୱାମୀ) ଖୁବ ସ୍ୱଳ୍ପ ସମୟ ସ୍ୱର୍ଣ୍ଣପ୍ରଭାଙ୍କ ସହ ବାର୍ତ୍ତାଳପ କରି ସେଠାରୁ ଚାଲିଯାଇଥିଲେ। ସେ କହିଥିଲେ-"ବିଶ୍ୱରୂପର ଦେହାନ୍ତ ଓ ମୋ' ସହିତ ମିଶ୍ରଣ କଥା ମୁଁ ଜାଣେ। ଭଗବାନ ଏ ବିଶ୍ୱରେ ଅଦୃଶ୍ୟ ରୂପରେ ଥାଆନ୍ତି। ଯେପରି ହୀରାଖଚିତ ହାରକୁ ସ୍ୱର୍ଣ୍ଣରୂପକ ତାର ଲୁକ୍କାୟିତ ଭାବେ ଧରି ରଖିଥାଏ। ସେହିପରି ଭଗବାନ ସାରା ବିଶ୍ୱରେ ପରିବ୍ୟାପ୍ତ ହୋଇ ମଣିଷ ମଧ୍ୟରେ ଆତ୍ମଶକ୍ତି ଭାବେ ବିଦ୍ୟମାନ ଥାଆନ୍ତି। ତୁମେ ଝରକା ଖୋଲି ସେଦିନ ବିଶ୍ୱରୂପଙ୍କୁ ଦର୍ଶନ କରିଥିଲ। ଗୋପୀକାମାନେ କୃଷ୍ଣଙ୍କୁ ସ୍ୱାମୀ ରୂପେ ଗ୍ରହଣ କରିଥିବାରୁ ଉଦ୍ଧବଙ୍କର କଥାକୁ ଗ୍ରହଣ କରିବାପାଇଁ ସେମାନଙ୍କର ହୃଦୟରେ ଜାଗା ନଥିଲା। ସାରା ପୃଥିବୀ ଗୋପୀକାମାନଙ୍କ ପାଇଁ ବିଷ୍ଣୁମୟ ଜଗତ ହୋଇଥିବାରୁ ଗଛ, ଫୁଲ, ଫଳ, ଲତା ସମସ୍ତଙ୍କୁ ଧରି କୃଷ୍ଣପ୍ରେମରେ ବିହ୍ୱଳ ହୋଇ ସେମାନେ କ୍ରନ୍ଦନ କରୁଥିଲେ। ଭଗବାନ ହିଁ ତୁମର ସ୍ୱାମୀ ଯେ କି ତୁମ ମଧ୍ୟରେ ତୁମର ମୃତ୍ୟୁ ପର୍ଯ୍ୟନ୍ତ ରହି ସମସ୍ତ କଥା ବୁଝୁଛନ୍ତି ବୁଝିବେ ମଧ୍ୟ।" ଏ କଥା ଶୁଣି ସେହିଦିନଠାରୁ ସ୍ୱର୍ଣ୍ଣମୟୀ ପୁଣି ମନ୍ଦିର ଖୋଲି ପୂଜାର୍ଚ୍ଚନା କରିବା ସହିତ ଜନସେବାରେ ନିଜକୁ ଓ ତାଙ୍କର ଅର୍ଥକୁ ନିୟୋଜିତ କଲେ।

**ଅନୀତା ପଟ୍ଟନାୟକ**, ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସିଡ଼ିଏ, କଟକ, ଦୂରଭାଷ: ୯୭୯୨୯୮୦୦୨୬

# ଏପିଜେ ଅବଦୁଲ କଲାମ: ଏକ ଅଧ୍ୟୟନ

ବିପିନବିହାରୀ ମହାନ୍ତି





ଭାରତରତ୍ନ ଏପିଜେ ଅବଦୁଲ କଲାମ ୧୫ ଅକ୍ଟୋବର ୧୯୩୧ରେ ରାମେଶ୍ୱରମ୍ ତାମିଲନାଡୁରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପୁରା ନାମ ଅବୁଲ୍ ଫକୀର୍ ଜୈନୁଲ୍‌ବିଦ୍ଦିନ୍ ଅବଦୁଲ କଲାମ। ତାଙ୍କ ପିତାଙ୍କ ନାମ ଜଇନୁଲାବଦିନ ଓ ମାତାଙ୍କ ନାମ ଥିଲା ଆଶି ଆମ୍ମା। ତାଙ୍କ ପିତା ଥିଲେ ଡଙ୍ଗା ଚାଳକ। ତାଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ସେ ପୁତ୍ରକୁ କୌଣସି ଭଲ ବିଦ୍ୟାଳୟ ବା ମହାବିଦ୍ୟାଳୟରେ ପଢ଼ାଇପାରି ନ ଥିଲେ। ଏଇଥିପାଇଁ କଲାମ ପ୍ରତିଦିନ ପାଠପଢ଼ା ପରେ ହକର ସାଜି ଖବରକାଗଜ ବିକି ବାପାଙ୍କ ପାଇଁ କିଛି ଆର୍ଥିକ ସହଯୋଗ କରୁଥିଲେ। ଆରମ୍ଭରୁ ସେ ଜଣେ ମେଧାବୀ ଛାତ୍ର ଥିଲେ। ସେ ସେଂଟ ଯୋଶେଫ କଲେଜ ଏବଂ ମାଡ୍ରାସ ବିଦ୍ୟାଳୟରେ ଅଧ୍ୟୟନ କରିଥିଲେ। ତା'ପରେ ସେ ଜଣେ ବିଜ୍ଞାନୀ ଭାବେ ଦକ୍ଷତା ହାସଲ କରି ପରେ ମହାକାଶ ବିଜ୍ଞାନୀ ଭାବେ ପାରଙ୍ଗମତା ଲାଭ କଲେ।

ସେ ଉଚ୍ଚାରଣ ଏବଂ ଆଚରଣରେ ଠିକ୍ ଥିଲେ। ସେ ସ୍ୱପ୍ନ ଦେଖୁଥିଲେ ଏବଂ ସ୍ୱପ୍ନକୁ ସାକାର କରିଥିଲେ। ତାଙ୍କ ମତରେ, "ତୁମେ ଯଦି ସୂର୍ଯ୍ୟଙ୍କ ପରି ଜଳିବାକୁ ଚାହୁଁଛ, ଆଗ ନିଜେ ଜଳ। ଲକ୍ଷ୍ୟରେ ପହଂଚିବା ପାଇଁ ଦୃଢ଼ ନିଷ୍ପତି, କଠିନ ପରିଶ୍ରମ, କଠିନ ଅଧ୍ୟବସାୟ ସହ ଜୀବନରେ ପ୍ରତିଶ୍ରୁତିବଦ୍ଧତା ଦରକାର। ତାହାହେଲେ କାହା ପାଇଁ ଅସମ୍ଭବ ବି ସମ୍ଭବ ହୋଇପାରେ।"

କଲାମ ହେଉଛନ୍ତି ଭାରତୀୟ କ୍ଷେପଣାସ୍ତ୍ରର ଜନକ। ତାଙ୍କ ଯୋଗୁଁ ଭାରତର ମହାକାଶ ଗବେଷଣା ଉନ୍ନୟନ ଏବଂ କ୍ଷେପଣାସ୍ତ୍ର ନିର୍ମାଣ କ୍ଷେତ୍ରରେ ଏକ ନୂଆ ଯୁଗ ସୃଷ୍ଟି ହେଲା ଏବଂ ଭାରତ ଏ ଦିଗରେ ବିଶ୍ୱର ଶକ୍ତିଶାଳୀ ପଂଚରାଷ୍ଟ୍ର ସମକକ୍ଷ ହୋଇପାରିଲା। ସେ ଯେଉଁ କ୍ଷେପଣାସ୍ତ୍ରର ପରିକଳ୍ପନା କରିଥିଲେ ତାହାର ସଫଳ ରୂପାୟନ ହେଉଛି 'ଅଗ୍ନି', 'ପୃଥିବୀ', 'ଆକାଶ', 'ତ୍ରିଶୂଳ' ଓ 'ନାଗ'। ସେ ଥିଲେ କ୍ଷେପଣାସ୍ତ୍ର ମାନବ ବା ମିଜାଇଲ୍ ମ୍ୟାନ୍। ବିଫଳତାରୁ ସଫଳତା ଲାଭ କରିଥିବା ମଣିଷ ହେଉଛନ୍ତି କଲାମ। ତାହାହିଁ ତାଙ୍କୁ ଆଜି ସୌଭାଗ୍ୟର ଶୀର୍ଷସୀମାରେ ପହଂଚାଇ ପାରିଛି ଏବଂ ତାହାରି ବଳରେ ବିଶ୍ୱରେ ଭାରତକୁ ସେ ପରମାଣୁ ଶକ୍ତି ରାଷ୍ଟ୍ର ଭାବରେ ପ୍ରତିପାଦିତ କରିପାରିଛନ୍ତି। ତାଙ୍କରି କୃତିତ୍ୱ ଏବଂ କାର୍ଯ୍ୟାବଳୀ ଯୋଗୁଁ ସେ ଅନେକ ପୁରସ୍କାର ଓ ସମ୍ମାନ ଲାଭ କରିଛନ୍ତି। ସେଗୁଡ଼ିକ ହେଲା ୧୯୮୧ରେ ଭାରତ ସରକାରଙ୍କର 'ପଦ୍ମଭୂଷଣ', ୧୯୯୦ରେ ଭାରତ ସରକାରଙ୍କର 'ପଦ୍ମ ବିଭୂଷଣ', 'ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡାଇରେକ୍ଟସ୍‌ଙ୍କର 'ଡିଷ୍ଟିଙ୍ଗ୍‌ୱିସ୍ ଫେଲୋ ପୁରସ୍କାର ୧୯୯୪, ୧୯୯୭ରେ ଭାରତ ସରକାରଙ୍କ 'ଭାରତରତ୍ନ', ୧୯୯୭ରେ 'ଇନ୍ଦିରା ଗାନ୍ଧି ଆୱାର୍ଡ ଫର୍ ନ୍ୟାସ୍‌ନାଲ ଇଂଟିଗ୍ରେସନ' ଭାରତୀୟ ଜାତୀୟ କଂଗ୍ରେସ ତରଫରୁ, ୧୯୯୮ରେ 'ବୀର ସଭରକର ଆୱାର୍ଡ' ଭାରତ ସରକାର, ଆୱାର ରିସର୍ଚ୍ଚ ସେଂଟର ତରଫରୁ 'ରାମାନୁଜ ଆୱାର୍ଡ ୨୦୦୦', ୨୦୦୭ରେ ଓଭର ହାମ୍ପଟନ୍ ବିଶ୍ୱବିଦ୍ୟାଳୟ ବ୍ରିଟେନ୍ ତରଫରୁ 'ଡକ୍ଟରେଟ୍ ଅଫ୍ ସାଇନ୍ସ' ପୁରସ୍କାର, ରୋୟାଲ ସୋସାଇଟି ବ୍ରିଟେନ୍ ତରଫରୁ ୨୦୦୭ରେ 'କିଙ୍ଗ ଚାର୍ଲସ ସମ୍ମାନ' ଏବଂ କ୍ୟାଂଟ୍‌ଜୀ ବିଶ୍ୱବିଦ୍ୟାଳୟ ତରଫରୁ 'ଡକ୍ଟରେଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍‌ନୋଲୋଜି ସମ୍ମାନ ୨୦୦୭, ନାନ୍ୟାଙ୍ଗ ଟେକ୍ନୋଲୋଜିକାଲ ୟୁନିଭରସିଟି, ସିଙ୍ଗାପୁର ତରଫରୁ 'ଡକ୍ଟରେଟ୍ ଅଫ୍ ଇଂଜିନିୟରିଂ-୨୦୦୮', କାଲିଫର୍ଣ୍ଣିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆମେରିକା ତରଫରୁ 'ଇଂଟରନ୍ୟାସନାଲ ବନ କର୍ମନ ଉଇଙ୍ଗ୍‌ସ ପୁରସ୍କାର ୨୦୦୯', ଏଏସ୍‌ଏମ୍‌ଇ ପ୍ରତିଷ୍ଠାନ, ଆମେରିକା ତରଫରୁ 'ହୁଭର ମେଡଲ ୨୦୦୯', 'ଡକ୍ଟରେଟ୍ ଉପାଧି, ୨୦୦୯' ଓକଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟ, 'ଡକ୍ଟର ଅଫ୍ ଇଂଜିନିୟରିଂ ପୁରସ୍କାର ୨୦୧୦' ୱାଟରଲୁ ବିଶ୍ୱବିଦ୍ୟାଳୟ, 'ଆଇଇଇରେ ସଭ୍ୟପଦ ୨୦୧୧', 'ଡକ୍ଟର ଅଫ୍ ଲ' ଉପାଧି' ୨୦୧୨' ସିମନ୍ ଫ୍ରାଜର ବିଶ୍ୱବିଦ୍ୟାଳୟ, 'ଡକ୍ଟର ଅଫ୍ ସାଇନ୍ସ ଉପାଧି ୨୦୧୪' ଏଡିନ୍‌ବର୍ଗ ବିଶ୍ୱବିଦ୍ୟାଳୟ, ବ୍ରିଟେନ୍।

ଡ. କଲାମ ଖାଲି ଜଣେ ବିଜ୍ଞାନୀ ନୁହଁନ୍ତି, ସେ ଜଣେ ବିଶିଷ୍ଟ ସାହିତ୍ୟିକ। ତାଙ୍କର ଲୋକପ୍ରିୟ ପୁସ୍ତକ ହେଲା 'ୱିଙ୍ଗ୍‌ସ ଅଫ୍ ଫାୟାର', 'ଇଣ୍ଡିଆ ୨୦୨୦' ଓ 'ଇଉନାଇଟେଡ୍ ମାଇଣ୍ଡ'। ଅନ୍ୟାନ୍ୟ ବହି ଭିତରେ ଅଛି 'ଡେଭଲପ୍‌ମେଂଟସ୍ ଇନ୍ ଫ୍ଲୁଇଡ୍ ମେକାନିକସ୍ ଆଣ୍ଡ ସ୍ପେସ୍ ଟେକ୍ନୋଲୋଜି ୧୯୮୮, ଇଣ୍ଡିଆନ୍ ଏକାଡେମୀ ଅଫ୍ ସାଇନ୍ସ ୧୯୮୮, ଇଣ୍ଡିଆ ୨୦୨୦ (୧୯୯୮), ଉଇଙ୍ଗ୍‌ସ ଅଫ୍ ଫାୟାର୍ସ - ୧୯୯୯, ଇଉନାଇଟେଡ୍ ମାଇଣ୍ଡସ୍-୨୦୦୨, ଦି ଲୁମିନିୟସ୍ ସ୍ପାର୍କସ-୨୦୦୪, ମିଶନ ଇଣ୍ଡିଆ-୨୦୦୫, ଇନ୍‌ସ୍ପାୟାରିଂ ଥଟ୍-୨୦୦୭, ଇଣ୍ଡୋମିଟେବଲ ସ୍ପିରିଟ୍, ଏନ୍‌ଭିଜନିଂ ଆନ୍ ଇମ୍ପାୱାର୍ଡ ନେସନ୍, ୟୁ ଆର୍ ବର୍ଣ୍ଣ ଟୁ ବ୍ଲୁସମ୍ ୨୦୧୧, ଟାରଗେଟ୍ ଥ୍ରୀ ବ୍ରିଲିୟାନ ୨୦୧୧, ଟର୍ଣ୍ଣିଂ ପଏଂଟ-୨୦୧୨, ମାଇଁ ଜର୍ଣ୍ଣି-୨୦୧୩, ଏ ମେନିଫେଷ୍ଟୋ ଫର୍ ଚେଂଜ ୨୦୧୪, ଫର୍ଜ ଇୟର ଫ୍ୟୁଚର-୨୦୧୪, ରିଇ ଗ୍ନାଇଟେଡ୍-୨୦୧୫, ଟ୍ରାନ୍ସେ ଡେନ୍ସ ମାଇ ସ୍ପିରିଚୁଆଲ୍ ଏକ୍ସପେରିଏନ୍ସ ଉଇଥ୍ ସ୍ୱାମୀଜୀ-୨୦୧୫।

ମଣିଷ ହିସାବରେ ସେ ଅତ୍ୟନ୍ତ ସରଳ, ଅମାୟିକ, ନିରହଂକାରୀ, ଶ୍ରଦ୍ଧାଳୁ ବ୍ୟକ୍ତିତ୍ୱ ଥିଲେ। ସେ ଜଣେ ନିର୍ଦ୍ଦଳୀୟ ସର୍ବଜନ ଆଦରଣୀୟ ବ୍ୟକ୍ତିତ୍ୱ ଯେଉଁଥିପାଇଁ ସେ ସବୁ ଦଳର ସମ୍ମତିକ୍ରମେ ରାଜନୀତିର ଊର୍ଦ୍ଧ୍ୱରେ ଥାଇ ୨୦୦୨ ମସିହାରେ ଭାରତର ଲୋକପ୍ରିୟ ରାଷ୍ଟ୍ରପତି ବା ପିପୁଲ୍‌ସ ପ୍ରେସିଡେଂଟ ହୋଇପାରିଥିଲେ। ସେ ଅତ୍ୟନ୍ତ ଶିଶୁ ଓ ଛାତ୍ରବତ୍ସଳ ଶିକ୍ଷକ ଥିଲେ।

ପାଠ ପଢ଼ାଇବା ମାଧ୍ୟମରେ ସେ ଅଭିଜ୍ଞତାକୁ ବାଂଟିବା ପାଇଁ ବେଶ୍ ଭଲ ପାଉଥିଲେ। ସେଥିପାଇଁ ରାଷ୍ଟ୍ରପତି ଥିବା ବେଳେ ଏବଂ ତା'ପରେ ବି ନିଜର ପରିଚୟ ଅକ୍ଷୁର୍ଣ୍ଣ ରଖିଛନ୍ତି। ଆଇଆଇଏମ୍ ଅହମ୍ମଦାବାଦ, ଇନ୍ଦୋରରେ ଅତିଥି ପ୍ରଫେସର ଭାବେ ସେ ମଧ୍ୟ ଶିକ୍ଷକତା କରିଛନ୍ତି। ଏହାଛଡ଼ା ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏରୋସ୍ପେସ୍ ଇଂଜିନିୟରିଂ ଆଣ୍ଡ ରିସର୍ଚ୍ଚରେ ସେ କୁଳାଧିପତି ଥିଲେ ଏବଂ ଆନ୍ନା ୟୁନିଭରସିଟିରେ ଏରୋସ୍ପେସ୍ ଇଂଜିନିୟରିଂ ପ୍ରଫେସର ଭାବେ କାମ କରିଛନ୍ତି ରାଷ୍ଟ୍ରପତି ଦାୟିତ୍ୱରୁ ଅବସର ପରେ।

ଓଡ଼ିଶା ସହିତ ତାଙ୍କର ସଂପର୍କ ଖୁବ୍ ନିବିଡ଼। ଓଡ଼ିଶାର ଚାନ୍ଦିପୁରସ୍ଥିତ ଇଂଟରିମ୍ ଟେଷ୍ଟରେଞ୍ଜର ପ୍ରଧାନ ସ୍ଥପତି ଥିଲେ ସିଏ। ଏହିଠାରୁ ତାଙ୍କ ତତ୍ୱାବଧାନରେ ୧୯୮୯ ମେ ୨ ତାରିଖରେ ଅଗ୍ନି-୧ ପରେ ଏପ୍ରିଲ ୧୧, ୧୯୯୯ରେ ଅଗ୍ନି-୨ ପରୀକ୍ଷଣ ହୋଇଥିଲା। ଏମିତି ଆହୁରି ବି କେତେ। ଚାନ୍ଦିପୁର ଓ ହ୍ୱିଲର ଦ୍ୱୀପକୁ 'ଥିଏଟର ଅଫ୍ ଆକ୍ସନ' ନାମରେ ନାମିତ କରିଛନ୍ତି ସିଏ। କାରଣ ଏହିଠାରୁ କ୍ଷେପଣାସ୍ତ୍ରମାନ ପରୀକ୍ଷା ନିରୀକ୍ଷା ହୁଏ। ଜୀବନର ଶେଷ ମୁହୂର୍ତ୍ତରେ ସେ ଓଡ଼ିଶା ଭ୍ରମଣରେ ଆସି ରାଉରକେଲା ଏବଂ ଆଉ କିଛି ସ୍ଥାନରେ ବୁଲି 'ଛାତ୍ରମାନଙ୍କୁ ସ୍ୱପ୍ନ ଦେଖ ଓ ତାକୁ ବାସ୍ତବ କର' ଉପରେ ଗୁରୁତ୍ୱପୂର୍ଣ୍ଣ ଭାଷଣ ଓ ପରାମର୍ଶ ଦେଇଛନ୍ତି। ସେ କହିଥିଲେ ନିଜ କାମ ନିଜେ କର, ସବୁ ମୁହୂର୍ତ୍ତ ଶୁଭବେଳା। ସେ ଖୁବ୍ ଭଲ ପାଉଥିଲେ ସଙ୍ଗୀତ ଓ ବୀଣାର ଝଂକୃତ ପୂର୍ଣ୍ଣିମା ରାତିରେ ସାହାନାଇ। କହୁଥିଲେ: ଖା ପିଡ଼ା, ପଢ଼ ଗୀତା।

ସେ ନିଜ ପଦମର୍ଯ୍ୟାଦା ପ୍ରତି ବହୁତ ଧ୍ୟାନ ଦେଉଥିଲେ। ସେ ଥିଲେ ଜଣେ ମହାଦାନୀ, ସବୁ ଅର୍ଥ ସେ ଦାନ କରିଦେଇଥିଲେ କାହାରି ହିତାର୍ଥେ। ଏମିତି କି ରାଷ୍ଟ୍ରପତି ଥିବାବେଳେ ତାଙ୍କ ଦରମା। ସ୍ୱପ୍ନ ଥିଲା - ଭାରତ ବିକଶିତ ହେଉ ଏବଂ ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ଦଖଲ କରୁ। ଏପରି ଜଣେ ବ୍ୟକ୍ତିତ୍ୱଙ୍କର ମେଘାଳୟ ଶିଲଂରେ ଏକ ବକ୍ତୃତା ଦେବାବେଳେ ମୃତ୍ୟୁ ହୁଏ ୨୭ ଜୁଲାଇ ୨୦୧୫ରେ। ପ୍ରଣାମ କାଲାମ।

*-ଅଧ୍ୟକ୍ଷ ଓଡ଼ିଶା ଭାଷା ସଂରକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଖୋର୍ଦ୍ଧା, ମୋ-୯୯୩୮୩୪୪୧୩୮*

# ଆଭିଜାତ୍ୟ ଓ ଅଭିମାନ

ବ୍ରହ୍ମଚାରୀ ସତ୍ୟଚୈତନ୍ୟ



ଅନ୍ୟମାନଙ୍କୁ ଦେଖେଇହେବା ପାଇଁ ଆମେ ଅନେକ କାମ କରୁ। ଦାମୀ ପୋଷାକଟିଏ ପିନ୍ଧୁ। କେହି ସେ ପୋଷାକକୁ ପ୍ରଶଂସା କଲେ ଖୁସିହେଉ। କେହି ନିନ୍ଦାକଲେ ଦୁଃଖକରୁ। ଆମେ ଚଳାଉଥିବା ଗାଡ଼ି, ତୋଳିଥିବା ଘର, କିଣିଥିବା ଜମି, ପାଇଥିବା ପୁରସ୍କାର, ପାଠ, ଚାକିରି ଓ ଆମ ଅର୍ଜିତ ଅନେକ ଚିଜ ଉପରେ ଅନ୍ୟମାନଙ୍କ ଟିପ୍ପଣୀ ଆସିଲେ ଆମ ଭିତରେ ପ୍ରତିକ୍ରିୟା ହୁଏ। ତେବେ ଏଥିରୁ ସ୍ପଷ୍ଟ ଯେ ଆମେ ଅଧିକାଂଶ କାମ ଅନ୍ୟମାନଙ୍କ ପାଇଁ କରୁ। ସେଥିପାଇଁ କୁହାଯାଏ ନିଜ ରୁଚିରେ ଭୋଜନ; ପର ରୁଚିରେ ବସନ। ତେବେ ନିଜ ଆଡ଼କୁ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଆମେ ବେଳେବେଳେ ବ୍ୟଗ୍ର ହୋଇଉଠୁ। 'ସମସ୍ତେ ମତେ ଭଲ କୁହନ୍ତୁ, ମୁଁ ଧନୀଲୋକ, ମୋର ସମ୍ପର୍କର ପରିସୀମା ଏତେ ଲମ୍ବା'-ଏମିତି କିଛି ଅବାଞ୍ଛିତ ପରିଚୟ ସୃଷ୍ଟିକରିବାକୁ ଆମେ ବିକଳ ହଉ। ସେଥିପାଇଁ ନିଜ ଚଳଣିରେ ଆଭିଜାତ୍ୟର ଚିହ୍ନ ଫୁଟେଇବାକୁ ଚେଷ୍ଟାକରୁ। ବଜାରରେ ଜିନିଷ କିଣିଲାବେଳେ ସବୁଠାରୁ ଦାମିକା ଜିନିଷ କିଣୁ। ସେଇ ଦାମିକା ଜିନିଷ ବିଷୟରେ ଅନ୍ୟମାନଙ୍କୁ ଶୁଣାଉ। ସାଧାରଣ ଔଷଧରେ ଦେହ ଭଲହୁଏ, କିନ୍ତୁ ଆଭିଜାତ୍ୟର ଅହଂକାର ହେତୁ ଆମ ମନ ବୁଝେନା। ମନ ସୁସ୍ଥ ହେଇପାରେନା। ତେଣୁ କହୁ, ଯଦି ମରିବା ବଡ଼ ଡାକ୍ତର ହାତରେ ମରିବା। ଭୋଜନ ପାନୀୟରେ ମଧ୍ୟ ଆଭିଜାତ୍ୟର ନିଶା ଆମକୁ ଘାରିଥାଏ। ଘରେ ଲେମ୍ବୁ, ମିଶ୍ରି ଥିଲେ ମଧ୍ୟ ଥଣ୍ଡାପାନୀୟକୁ ଗୁରୁତ୍ୱ ଦେଉ। ସାଧାରଣ ଭୋଜନ ପେଟପୂରିବା ପାଇଁ ଆଉ ଆଭିଜାତ୍ୟର ଭୋଜନ ଜିଭ ଓ ମନ ପୂରିବା ପାଇଁ। ଏ ଖାଦ୍ୟ ସୁସ୍ଥ ବଦଳରେ ଅସୁସ୍ଥ କରାଏ। ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ନେବା ଓ ଭୋଜନ ପରେ ବଳକା ଖାଦ୍ୟକୁ ଫିଙ୍ଗିବା ମଧ୍ୟ ଆଭିଜାତ୍ୟର ଗୋଟିଏ ନମୁନା ପାଲଟିଲାଣି। ଆଭିଜାତ୍ୟ ଯେତିକି ବିପଦଜନକ ନୁହେଁ, ବେଶୀ ବିପଦ ହେଉଛି ଆଭିଜାତ୍ୟକୁ ନେଇ ଆମ ଭିତରେ ଜନ୍ମ ନେଉଥିବା ଅହଂକାର। ଆମ ଅହଂକୁ ପରିପୁଷ୍ଟ କରିବା ଓ ପ୍ରାଚୁର୍ଯ୍ୟ ଦେଖାଇବାକୁ ଯାଇ ନିଜର ବଡ଼ ପଣକୁ ଅନ୍ୟ ଆଗରେ ଗପୁ। ଏ କଥା ଶୁଣିବାକୁ ପ୍ରସ୍ତୁତ ନଥିଲେ ବି ବାଧକରି ଶୁଣାଉ। ସମାଜରେ ସମସ୍ତେ ସମ୍ପତ୍ତିବାନ ନୁହନ୍ତି। ତଥାପି କିଛି ଚତୁର ବ୍ୟକ୍ତି ଅଛନ୍ତି, ଶସ୍ତା, ସୁନ୍ଦର ମଜଭୁତକୁ ପସନ୍ଦ କରନ୍ତି। ବଳକା ଖର୍ଚ୍ଚକୁ ନିଜ ପାଇଁ ନୁହେଁ; ସମାଜ ପାଇଁ ବ୍ୟୟକରନ୍ତି। ସେମାନେ ବୁଝନ୍ତି ସମ୍ପତ୍ତିକୁ ଉପଭୋଗ କଲେ ଓ କ୍ଷମତାକୁ ଅଯଥା ପ୍ରୟୋଗ କଲେ ପ୍ରତିଷ୍ଠା ବଢ଼େନା। ମାତ୍ର ସମ୍ପତ୍ତି ଓ କ୍ଷମତାର ସଦୁପଯୋଗ କଲେ ପ୍ରତିଷ୍ଠା ବଢ଼େ। ଦୁରୁପଯୋଗ କଲେ ପ୍ରତିଷ୍ଠାରେ କଳଙ୍କ ଲାଗେ। ସମ୍ପତ୍ତିକୁ ଦେଖେଇ ହେବା ଲୋକ ଧନୀନୁହେଁ, କୃପଣ। ତା'କୁ ଅନ୍ୟର ଉପକାରରେ ଲଗାଇପାରିଲେ ଧନୀ ଓ ଦାନୀ। ଏବେ ବି ସମୟ ଅଛି। ନିରୋଳାରେ ଥରେ ଅନନ୍ତ ଆକାଶ କିମ୍ବା ଦୂର ଦିଗ୍‌ବଳୟକୁ ଚାହିଁବା। ତା'ରି ଭିତରେ ପୃଥିବୀର ଅସ୍ତିତ୍ୱକୁ ଖୋଜିବା। ପୃଥିବୀ ପରେ ଆସିବା ଭାରତବର୍ଷକୁ କ୍ରମଶଃ ନିଜେ ଠିଆହୋଇଥିବା ଭୂଇଁକୁ ମନରେ ମାପିବା। ପରେ ନିଜର ଅସ୍ତିତ୍ୱକୁ ଖୋଜିବା। ଦେଖାଯିବ ସୀମାହୀନ ଆକାଶ ତୁଳନାରେ ନିଜର ସୀମିତ ଶରୀରର ଅସ୍ତିତ୍ୱ ହିଁ ନାହିଁ। ପୁଣି ଥରେ ମହାକାଳର ସମୟର ପୃଷ୍ଠାକୁ ଲେଉଟାଇବା। କୋଟିକୋଟି ବର୍ଷ ଧରି ସୃଷ୍ଟି ହୋଇଥିବା ସୂର୍ଯ୍ୟ, ଚନ୍ଦ୍ର, ତାରାଙ୍କ ଭିତରେ ନିଜ ଜୀବନର ଅବଧିକୁ ଖୋଜିବା। ଶେଷରେ ପାଇବା ସୃଷ୍ଟି ଆଦି ଓ ଅନ୍ତ ବିଷୟ ଆମକୁ ଅଜଣା। ନିଜକୁ ପ୍ରଶ୍ନ କରିବା-ତେବେ 'ମୁଁ'? ବୁଝିପାରିବା 'ମୁଁ' ଆଉ କିଛି ନୁହେଁ; ଅଭିମାନ ବୋଲା ଛୋଟିଆ ଶବ୍ଦଟିଏ ମାତ୍ର। ଆଉ ମୋର ଅସ୍ତିତ୍ୱ? ଅସ୍ତିତ୍ୱ ହିଁ ନାହିଁ। ତାହା ହେଲେ ମୋ' ସମ୍ପତ୍ତି, ପ୍ରତିଷ୍ଠା, ପ୍ରତିପତ୍ତି, ବଡ଼ପଣ? ଉତ୍ତର ଆସିବ-'ତୁମେ ମହାସାଗର ଭିତରେ ବିନ୍ଦୁଏ ଜଳ। ମରୁଭୂମିର ଗୋଟିଏ ବାଲି। ଧୂଳିକଣାର ଗୋଟିଏ କ୍ଷୁଦ୍ରକଣିକା। ମହାକାଳର ଅନନ୍ତ ଗର୍ଭରେ ପାହାନ୍ତି ତାରା ପରି ଲୀନ ହୋଇଯାଉଛ।' ସତରେ ଆମେ ଟସରପୋକ ଭଳି ନିଜ ଚାରିପାଖରେ ଅଭିମାନର ଖୋସାଟିଏ ତିଆରି କରିଛେ। ନିଜକୁ ଅହଂକାରୀ ସଜେଇଛେ। ଇତିହାସର ବ୍ୟକ୍ତିମାନଙ୍କ ସହ ନିଜକୁ ତଉଲିନାହୁଁ। ଥରୁଟିଏ ବି ନିଜ ଆଡ଼କୁ ଚାହିଁଲେ ଦେଖିବା ନିଜର କୌଣସି ଅସ୍ତିତ୍ୱ ହିଁ ନାହିଁ। ଆମେ କ୍ରମଶଃ ଧୂଳିକଣାଠାରୁ ଆହୁରି ସାନ ହୋଇଯାଉଛେ। ଆମ ଅଭିମାନର ରଙ୍ଗ କ୍ରମଶଃ ଫିକା ପଡ଼ିଯାଉଛି। ସେହି ଫିକାପଣ ହିଁ ଅଭିମାନଶୂନ୍ୟ ଅବସ୍ଥା। ଆଉ ତାହା ହିଁ ପ୍ରକୃତ ଜୀବନ।

*-ଅସୀମାଲୋକ, ବିଡ଼ାନାସୀ, କଟକ-୧୪*

# ଅବଲୁପ୍ତି ପଥେ ଉତ୍କଳର ଲୋକକଳା



ଭୁ ନାଟ୍ୟଶାଳାର ରୁମ୍‌ଝୁମ୍ ନୂପୁରର ନିକ୍ୱଣ ନୀରବିବାକୁ ବସିଲାଣି। କେନ୍ଦେରା ଗୀତର ଭଜୁ କିନା ରାମ ନାମରେ ଗୋବିନ୍ଦ....ର କରୁଣ ସ୍ୱରର ମୂର୍ଚ୍ଛନା ଆଉ ଆଗପରି ଶୁଭୁନି। ପିଢ଼ୀ ପିଢ଼ୀର ନିଜ ଜନ୍ମ ଗାଁ ମାଟିର ମେଲଣ ପଡ଼ିଆରେ ଆଉ ପାଲାଗାୟକଙ୍କ ଝାଞ୍ଜ ଖୋଳର ଶବ୍ଦ ବି ଆଉ ଶୁଭୁନି। ଗାଁ ମୁଣ୍ଡର ତେଲ ଦୀପର ବଇଠି ପାଖର ଭାଗବତ ପଢ଼ା କାଁ ଭାଁ କେଉଁଠି କି ଛାଡ଼ିଦେଲେ ଆଉ କାନରେ ପଡୁନି। ସମୟ ଓ ରୁଚି ସତେ ଯେପରି ସବୁକିଛିକୁ ବଦଳି ନେଇଯାଇଛି। ସାଇବର ପାଖରେ ଚାଟିଂର ଭିଡ଼ ଓ ଟେଲିଭିଜନର ରିଅଲିଟି ସୋ ଭିତରେ ପରିବର୍ତ୍ତିତ ଏହି ସମୟ ଯେପରି ଲୋକକଳାକୁ ପୋଛି ନେଇଯାଇଛି। କଳାସମୃଦ୍ଧ ଓଡ଼ିଶାର ଲୋକକଳା କେବଳ ମନୋରଞ୍ଜନ ନୁହେଁ ବରଂ ଖାଣ୍ଟି ଓଡ଼ିଆ ଜନଜୀବନର ସୁଖଦୁଃଖ ଓ ସାମାଜିକ ସମସ୍ୟା ତଥା ଚଳଣିର ଥିଲା ଜୀବନ୍ତ ପ୍ରତିବିମ୍ବ ହେଲେ ଆଉ ନାହିଁ ସେ ଦିନ। ଗଞ୍ଜାମ ଜିଲ୍ଲାର ବାଘନାଟ ହେଉଛି ବେଶ୍ ପ୍ରସିଦ୍ଧ। ମୁଣ୍ଡରେ ବାଘର ମୁଖା ପିନ୍ଧି ଶବରବେଶୀ କଳାକାରମାନେ ବେଶ୍ ଚିତ୍ତାକର୍ଷକ ଭାବରେ ବାଘ ଶିକାରର ଅଭିନୟ କରିଥାନ୍ତି। ଏହାକୁ ଯଦିଓ ପ୍ରାୟତଃ ଆଦିବାସୀ ନୃତ୍ୟ ବୋଲି କୁହାଯାଏ କିନ୍ତୁ ଏଥିରେ ଚାଙ୍ଗୁବାଦ୍ୟ ସହ ଲୁପ୍ତପ୍ରାୟ ଶିକାର ବାଦ୍ୟ ବାଦନ କରାଯାଇଥାଏ। କିନ୍ତୁ ଆଉ ପୁରୁଣା ଦିନ ନାହିଁ କି ଏହାକୁ ଖୋଜୁଥିବା ଲୋକ ବି ଆଉ ନାହାନ୍ତି। କେବଳ ବାଘନାଟ ନୁହେଁ ଗଞ୍ଜାମର ବାରମାସୀ ଦଣ୍ଡ ହେଉ ବା ଘଟକଳସୀ ନାଟ କିମ୍ବା ଦାସକାଠିଆ ବା ପ୍ରହ୍ଲାଦ ନାଟକ, ଲୋକକଳାର ଏନ୍ତୁଡ଼ିଶାଳ କୁହାଯାଉଥିବା ଗଞ୍ଜାମ ଜିଲ୍ଲାର ଏହି ଲୁପ୍ତପ୍ରାୟ କଳା ପ୍ରଥମେ ରାଜାରାଜୁଡ଼ାଙ୍କ ପୃଷ୍ଠପୋଷକତା ପାଉଥିଲା। ବର୍ତ୍ତମାନ ଆଗଭଳି ଆଦର ନଥିବାରୁ କଳାକାରଟି ନିରୁତ୍ସାହିତ ହେଉଛି। ରାଜ୍ୟର ପୁରପଲ୍ଲୀରେ ବେଶ୍ ଆଦର ପାଇଥିବା ଦାସକାଠିଆ ଏବେ ସମୟ ସୁଅରେ ହଜିବାକୁ ବି ବସିଲାଣି। କୁହାଯାଉଛି ଆଧୁନିକ ଯୁଗରେ ପାରମ୍ପରିକ ରାଗ, ଗୀତ, ଛନ୍ଦ ଓ ନୃତ୍ୟ ପ୍ରତି ଆଗ୍ରହର ଅଭାବ ରହୁଥିବାବେଳେ ଏହି ଲୋକନୃତ୍ୟକୁ ପେଷା କରି ବଞ୍ଚିପାରୁନି ଆଉ କଳାକାରଟି। ଯାହାଦ୍ୱାରା ଅଭିବ୍ୟକ୍ତ ଗଞ୍ଜାମ ଜିଲ୍ଲାର ବେଶ୍ ଲୋକପ୍ରିୟ ପ୍ରହ୍ଲାଦ ନାଟକ ନିଜ ଲୋକପ୍ରିୟତା ହରାଇବାକୁ ବସିଲାଣି। ସେହିପରି ସ୍ୱତନ୍ତ୍ର ମର୍ଯ୍ୟାଦା ପାଇଥିବା ଲୋକକଳାର ଅନ୍ୟତମ ଶ୍ରେଷ୍ଠ ନିଦର୍ଶନ ରାଧାକୃଷ୍ଣ ପ୍ରେମଲୀଳା ମଧ୍ୟ ମୁମୂର୍ଷୁ ଅବସ୍ଥାରେ ରହିଛି। ଏହା ଏକ ସଙ୍ଗୀତଧର୍ମୀ ନୃତ୍ୟନାଟିକା ହୋଇଥିବାରୁ ସଙ୍ଗୀତର ଗୁରୁତ୍ୱ ମଧ୍ୟ ଏଥିରେ ରହିଥାଏ। ଭକ୍ତି ରସାତ୍ମକ ଏହି ଲୋକନୃତ୍ୟ କେବଳ ଲୋକଙ୍କ ମନରେ ଆଧ୍ୟାତ୍ମିକ ଚେତନା ସୃଷ୍ଟି କରେନି ବରଂ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖିଥାଏ। ହେଲେ ସମୟର ଉଜାଣି ସୁଅରେ ହଜିଯାଇଥିବା ଏହି କଳା ଏବେ ନିଜେ ନିଜର ଇତିହାସ ପାଲଟିବାକୁ ଯାଉଛି। ଲୋକଚଳଣି ତଥା ଲୋକଭାବନାର ପରିବର୍ତ୍ତନ ଯୋଗୁଁ ଏହି ଲୋକନୃତ୍ୟର ସ୍ଥିତି ଉଦ୍‌ବେଗଜନକ। ତେବେ ରଣପ୍ପା, ଘୁଡୁକୀ, ଭାରତଲୀଳା, ସଖୀନାଚ, ଯୋଡ଼ିଶଙ୍ଖ ଓ ପଶୁନୃତ୍ୟ ପରି କେତେକ ଲୋକନୃତ୍ୟ ଯାହା ବଞ୍ଚିରହି ନିଜ ଅସ୍ତିତ୍ୱ ପାଇଁ ସଂଗ୍ରାମ କରିଚାଲୁଛନ୍ତି। ସବୁଠାରୁ ଦୁଃଖଦ ପ୍ରସଙ୍ଗ ହେଉଛି ନିଜ ରାଜ୍ୟରେ ଏହା ମୃତପ୍ରାୟ ସ୍ଥିତିରେ ଥିଲେ ବି ରାଜ୍ୟ ବାହାରେ ଏପରିକି ବିଦେଶରେ ଏହା ବେଶ୍ ଲୋକପ୍ରିୟ। ପଶ୍ଚିମ ଓଡ଼ିଶାର ଡାଲ୍‌ଖାଇକୁ କିଏ ବା ଭୁଲିପାରିବ? ପଶ୍ଚିମ ଓଡ଼ିଶାର ଲୋକଜୀବନରେ ପରମ୍ପରାର କାଳରୁ ବଜାଇ ଆସିଥିବା ଡାଲଖାଇ ହେଉଛି ଗୀତ ଓ ଲୋକନୃତ୍ୟର ଏକ ସମ୍ମିଳିତ ପରମ୍ପରା। ତେବେ ସମୟର ସ୍ରୋତ ଏହି ବିରଳ ନୃତ୍ୟକୁ ହଜାଇବାକୁ ବସିଥିଲା ସମୟରେ ଏହି ଡାଲ୍‌ଖାଇର ନୃତ୍ୟ ଓ ଗୀତକୁ ଏହାର କଳାକାରମାନେ କେବଳ ମଞ୍ଚ ଓ ଉତ୍ସବରେ ଯାହା ବଞ୍ଚାଇ ରଖିବାପାଇଁ ସଂଗ୍ରାମ କରିଚାଲିଛନ୍ତି। କୁହାଯାଏ ପରମ୍ପରା ସମୟ ଓ ସଭ୍ୟତାର ପ୍ରବାହରେ ଏହା ହଜିଯାଇଛି। ସେହିପରି କଳାହାଣ୍ଡିର ଘୁମୁରା ହେଉଛି ଏକ ଯୁଦ୍ଧ ବାଦ୍ୟ। ରାଜତନ୍ତ୍ରର ବିଲୟ ପରେ ଯୁଦ୍ଧବାଦ୍ୟ ମଧ୍ୟ ଏକପ୍ରକାର ନୀରବି ଯାଇଛି। ଏହି ରଣବାଦ୍ୟ ଯଥାର୍ଥରେ ଗଣବାଦ୍ୟର ପରିଚୟ ସୃଷ୍ଟି କରିପାରିଛି। ଘୁମୁରା ନାଚର ତାଳେ ତାଳେ କଳାକାରମାନେ ନିଜ ପୂର୍ବସୁରୀଙ୍କ ପରମ୍ପରା, ସଂସ୍କୃତି ଓ ଐତିହ୍ୟର ସ୍ମୃତିକୁ ଉଜ୍ଜୀବିତ କରିଥାନ୍ତି। ଓଡ଼ିଶାର ଲୋକକଳାରେ ଆଦିବାସୀ ବାଦ୍ୟ ଓ ନୃତ୍ୟର ସ୍ଥାନ ସ୍ୱତନ୍ତ୍ର। ପତରସୌରା, ଧୁଡୁକି, ଶିଙ୍ଗବାଦ୍ୟ ସହ ଡୁଙ୍ଗଡୁଙ୍ଗା ଓ କେଳାକେଲୁଣୀ ଏବେ ହଜିବାକୁ ବି ବସିଲାଣି। କୋରାପୁଟ ଜିଲ୍ଲାର ଦୁରୁଆ ସମ୍ପ୍ରଦାୟର ଏହି ଶିଙ୍ଗବାଦ୍ୟ ସମୟ ସ୍ରୋତରେ ହଜିଗଲାଣି। ସେହିପରି ପରଜା ସମ୍ପ୍ରଦାୟର ପାରମ୍ପରିକ ଡୁଙ୍ଗଡୁଙ୍ଗା ବାଦ୍ୟ ଜନମାନସରେ ଯେଉଁ ଆଦୃତି ପାଇଥିଲା ତାହା ଏବେ ବଞ୍ଚାଇ ରଖିବା ପାଇଁ ସଂଘର୍ଷ କରୁଛି। କେନ୍ଦୁଝର ଜିଲ୍ଲାର କଣ୍ଢେଇ ନାଚ ହେଉଛି କୋମଳ କଣ୍ଠରେ ରାଣୀଙ୍କ ବୀଣାଜିଣା ରାଗୀଣିର ଅପୂର୍ବ ସମାହାର। ହଜାର ହଜାର ବର୍ଷ ତଳର ପ୍ରାଚୀନ ଲୋକକଳାର ଏହି କଣ୍ଢେଇ ନାଚ ଏବେ ନିଜ ଲୋକପ୍ରିୟତା ହରାଇଲାଣି। ଆଧୁନିକ ସଭ୍ୟତାର କୋଳାହଳ ଭିତରେ ଆଜି ହଜିଯାଇଛି କଣ୍ଢେଇନାଚ। ପୁନରୁଦ୍ଧାର ପାଇଁ ଏହାର ପ୍ରୋତ୍ସାହନ ନାହିଁ। ତେବେ ଅବକ୍ଷୟମୁଖୀ ଲୋକକଳାର ପୁନରୁଦ୍ଧାର ପାଇଁ ଯୁଗ ରୁଚିର ପରିବର୍ତ୍ତନ ଜରୁରୀ। ଉତ୍କୃଷ୍ଟ କଳାର ରାଜ୍ୟ ଭାବେ ପରିଚିତ ଉତ୍କଳର ଏହି ଲୋକକଳା ଯେ ନିଜ ଜାତିର ପରିଚୟ ଏହାକୁ ଭୁଲିବା ଅନୁଚିତ। ପରିବର୍ତ୍ତିତ ଜୀବନ ଶୈଳୀ ଭିତରେ ଏହି ଲୋକକଳା ପ୍ରତି ଆଦର ନରଖିଲେ ଏହାସବୁ ଯେ ଦିନେ ସମାଧି ନପାଇବ ସମ୍ଭବତଃ ସେ ସମୟ ଆଉ ବେଶୀ ଦୂର ନୁହେଁ!!



**ଡଃ. ଅରୁନ୍ଧତୀ ଦେବୀ**
*ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର, ଦୂରଭାଷ: ୯୯୩୭୧୭୨୮୧୦*




# ଜୈବିକ କୃଷିସାରର ସମନ୍ୱିତ ପରିଚାଳନା

ଭାରତବର୍ଷ ସାରା ବିଶ୍ୱର କୃଷି କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅକ୍ତିଆର କରିଛି, ମାତ୍ର ଏବର କୃଷିକ୍ଷେତ୍ରରେ ରାସାୟନିକ ସାରର ପ୍ରୟୋଗ ବହୁମାତ୍ରାରେ ବୃଦ୍ଧି ପାଇଅଛି । ଏହାହିଁ ଏକମାତ୍ର ବିକଳ୍ପ ରୂପେ ପରିଗଣିତ ହୋଇ ପାରିଛି । କିନ୍ତୁ ଜୈବିକ କୃଷି ସାରର ସମନ୍ୱିତ ପରିଚାଳନା କୃଷି କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଅଟେ ।

**ଜୈବିକ କୃଷିସାର କ'ଣ ?**

ଜୈବିକ କୃଷିସାର ଉପଯୋଗୀ କ୍ଷୁଦ୍ର ଅଣୁଜୀବମାନଙ୍କର ସଙ୍ଗଠିତ ସମାହାର ଯାହାର ପ୍ରୟୋଗ କୃଷି ଉତ୍ପାଦନରେ ବୃଦ୍ଧି ଆଣିବା ସହ ଫସଲର ପୁଷ୍ଟିକରମାନ ବଢ଼ାଇ ଥାଏ । ରାସାୟନିକ ସାରର ବିକଳ୍ପ ଭାବେ ଜୈବିକ କୃଷି ସାର ପ୍ରମୁଖ ଭୁମିକା ଗ୍ରହଣ କରିଅଛି । ମୁଖ୍ୟତଃ- କୃଷିଜମି ମୃତ୍ତିକା ଏବଂ ମିରେ ଏହାର ପରିଚାଳନା ହୁଏ । ଯେପରି କି ନାଇଟ୍ରୋଜେନ୍ ଫିକ୍ସିଙ୍ଗ ଅଣୁଜୀବ ଫସଲକୁ ସଠିକ୍ ପରିମାଣରେ ପହଞ୍ଚାଇ ଥାଆନ୍ତି । ଫସଫରସ ଦ୍ରବଣୀୟ ଅଣୁଜୀବ ଅଦ୍ରବଣୀୟ ଫସଫେଟକୁ ଦ୍ରବଣୀୟ କରି ଫସଲ ପାଖରେ ପହଞ୍ଚାଇ ଥାଏ । ଏତଦ୍ ଭିନ୍ନ ଏହିସବୁ ଅଣୁଜୀବ କମ୍ପୋଷ୍ଟରେ ସେଲ୍ୟୁଲୋଜର ବିଘଟନ ପ୍ରକ୍ରିୟାରେ ସାହାଯ୍ୟ କରିବା ସହ ଧାନ ଜମିରେ ଖତ ଭାବରେ ବ୍ୟବହୃତ ହୁଏ ।

**ବିଭିନ୍ନ ପ୍ରକାର ଜୈବିକ କୃଷିସାର :**

୧) ରାଇଜବିଆ, ଅଜୋଟୋବ୍ୟାକ୍ଟର, ଫସଫରସ୍ ଦ୍ରବଣୀୟ ବ୍ୟାକ୍ଟେରିଆ ଯଥା- ବାସିଲସ୍, ସ୍ୟୁଡୋମନାସୀ ସମନ୍ୱିତ ପରିଚାଳନା ।

୨) ବାୟୋମାସ୍ ଉତ୍ପାଦକ ଅଣୁଜୀବ ଯଥା- ଆଜୋଲା, ରାଇଜୋବିୟମ୍ ଓ ଆଜୋଟୋବ୍ୟାକ୍ଟର ।



ପ୍ରସ୍ତୁତି- ଡ଼ି ଶୁଭମ୍

ସଂଯୋଜକ, କୃଷି ଦୁନିଆ



ଡାଲି ଜାତୀୟ ଫସଲ :

ବର୍ତ୍ତମାନ ଭାରତର ବିଭିନ୍ନ ଅନୁକୋଣରେ ଜୈବିକ ସାର ପ୍ରୟୋଗର ଭୂମିକା ବଢ଼ିବାରେ ଲାଗିଛି । ଡାଲିଜାତୀୟ ଫସଲ କ୍ଷେତ୍ରରେ ରାଇଜୋବିୟମର ପ୍ରୟୋଗ ଉତ୍ପାଦନ କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଏହାଛଡ଼ା ଆଜୋଟୋବ୍ୟାକ୍ଟର ମଧ୍ୟ ଫସଲ ବୃଦ୍ଧିର ପ୍ରମୁଖ୍ୟ ରହସ୍ୟ ।

ଶୈବାଳର ଉପଯୋଗିତା :

ଶୈବାଳ ମୁଖ୍ୟଭାବେ ଧାନ ଫସଲ କ୍ଷେତ୍ରରେ ଉପଯୋଗ କରାଯାଏ । କାରଣ ଶୈବାଳ ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ପରିମାଣ ବଢ଼ାଇ ଥାଏ । ଯାହା ଦ୍ୱାରା ନାଇଟ୍ରୋଜେନ୍ ଜନିତ ରାସାୟନିକ ସାରର ବିକଳ୍ପ ଭାବେ ଆମେ ଏହାକୁ ପ୍ରୟୋଗ କରିବା । ଏହା କରିବା ଦ୍ୱାରା ଉତ୍ପାଦନ ୧୦ ରୁ ୧୫ ଶତକଡ଼ା ଅଧିକ ହୋଇଥାଏ । (ଯଦିଓ ରାସାୟନିକ ସାର ବ୍ୟବହାର ନକରିବା) ଏକ ସର୍ଭେରୁ ଜଣା ଯାଇଛି ଏହି ଶୈବାଳ ୧୫ ରୁ ୩୫ କି.ଗ୍ରା ନାଇଟ୍ରୋଜେନ୍ / ହେକ୍ଟର ଯୋଗାଇଥାଏ ।

**ଫସ୍‌ଫରସ୍ ଦ୍ରବଣୀୟ ବ୍ୟାକ୍ଟେରିଆ:**

ବ୍ୟାକ୍ଟେରିଆ ଯଥା ବାସିଲସ୍ ଓ ବାସିଲସ୍ ଏବଂ କବକ ଯଥା ପେନସିଲିୟମ ଅଦ୍ରବଣୀୟ ଫସ୍‌ଫରସ୍‌କୁ ଦ୍ରବଣ କରି ଫସଲ ପାଖରେ ପହଞ୍ଚାଇବାର କ୍ଷମତା ଅଛି । ଯାହା ଦ୍ୱାରା ଫସଲକୁ ଫସଫରସର ଅଭାବ ପୂରଣ ହୋଇଯାଏ । ଏହା ବ୍ୟତୀତ କମ୍ପୋଷ୍ଟରେ ସେଲ୍ୟୁଲୋଜ୍ ବସ୍ତୁର ଦ୍ରୁତ ବିଘଟନ ପ୍ରକ୍ରିୟାରେ ମଧ୍ୟ ଏହା ସାହାଯ୍ୟ କରେ (୪-୧୬ ସପ୍ତାହ) ।

ଡାଲି ଜାତୀୟ ଫସଲରେ ନିମ୍ନୋକ୍ତ ବ୍ୟାକ୍ଟେରିଆର ପ୍ରୟୋଗ :

ଦିଲ୍ଲୀ- ୧୩%, କାନପୁର- ୩୮%, ବନାରସ- ୯୯%

**ଆଜୋଲା :**

ଆଜୋଲା ଏହିଭଳି ଏକ ଜଳଜାତୀୟ ଫର୍ଣ୍ଣ । ଏହା ମୁଖ୍ୟତଃ ଧାନ ଫସଲରେ ବ୍ୟବହୃତ ହୁଏ । ଆଜୋଲ, ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ଆନବେନା ସହ ମିଶି ଏକ ପ୍ରମୁଖ ଜୈବିକ ସାରର ଭୂମିକା ନିଭାଇଥାଏ । ଆଜୋଲା ଧାନ ଚାରାର ଧାଡ଼ି ଧାଡ଼ିରେ ମଧ୍ୟ ବଢ଼ାଯାଇପାରେ ଏବଂ ଏହାପରେ ଏହାକୁ ନେଇ ପ୍ରୟୋଗ କରାଯାଏ । ବାୟୋମାସ୍ ଉତ୍ପାଦନ ପାଇଁ ଏହାକୁ ବ୍ୟବହାର କରାଯାଇଥାଏ । ଦ୍ରୁତ ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ଭାବେ ମଧ୍ୟ ଆଜୋଲା ପିନଟା ବ୍ୟବହୃତ ହୁଏ । ଏତଦ୍‌ଭିନ୍ନ ଆଜୋସ୍ପିରିଲମ୍ ମଧ୍ୟ ବ୍ୟବହାର କରାଯାଏ । ଏହି ସବୁ ବର୍ତ୍ତମାନ ସମୟରେ ଏକ ଯୁଗାନ୍ତକାରୀ ପଦକ୍ଷେପ । କୃଷି କ୍ଷେତ୍ରରେ ଏହାର ଉପଯୋଗ ଉତ୍ପାଦନରେ ଶତଗୁଣ ବୃଦ୍ଧି କରିବା ସହ ହାନିକାରକ ହୋଇ ନଥାଏ ।





# ନଡ଼ିଆ ଗଛରେ କାଳିମୁଣ୍ଡି ପୋକ ନିୟନ୍ତ୍ରଣ

ନଡ଼ିଆ ଏକ ଅର୍ଥକାରୀ ଫସଲ ଏବଂ ନଡ଼ିଆ ଗଛ ରେ ଲାଗୁଥିବା କୀଟ ମାନଙ୍କ ମଧ୍ୟରୁ କାଳିମୁଣ୍ଡି ପୋକ ଗଛ ପାଇଁ ବିଶେଷ କ୍ଷତିକାରକ । ଏହା ଏକ ପ୍ରଜାପତି ଜାତୀୟ କୀଟ ଏବଂ ଏହାର ଲାର୍ଭା ଅବସ୍ଥା ଗଛ କୁ ପହୁଞ୍ଚାଇଥାଏ । ଏହି ଲାର୍ଭା ର ମୁଣ୍ଡ କଳା ରଙ୍ଗ ର ହେଇଥିବାରୁ ଏହାକୁ କାଳିମୁଣ୍ଡି ପୋକ କୁହାଯାଏ । ଲାର୍ଭା ଟି ଦେଖିବାକୁ ଗାଢ଼ ଧୂସର ରଙ୍ଗର ଏବଂ ଅଣ୍ଡା ରୁ ବାହାରି ଏମାନେ ସବୁଜ ପତ୍ର କୁ ଖାଇଥାନ୍ତି । ପତ୍ର କୁ ଖାଇବା ସହ ଏମାନେ ପତ୍ରରେ ସୁଡଙ୍ଗ ତିଆରି କରନ୍ତି, ସେଥିରେ ଖାଇ ମଳତ୍ୟାଗ କରନ୍ତି ଯାହା ଫଳ ରେ ପତ୍ର ର କେବଳ ମୁଖ୍ୟ ଶିରା ରହିଯାଏ କ୍ଷ ଦୂରରୁ ଦେଖିଲେ ନଡ଼ିଆ ବଗିଚ଼ା ପୋଡିଗଲା ପରି ଦେଖାଯାଏ ।



ପରିଚ଼ାଳନା:

- ଖରା ଦିନ ଆରମ୍ଭ ହେବ ପୂର୍ବରୁ ପୋକ ଦ୍ୱାରା କ୍ଷତ ପତ୍ର ଗୁଡିକୁ କାଟି ପୋଡିଦେବା ଉଚ଼ିତ।

କ୍ଷ ଗଛ ଟି ଛୋଟ ଅବସ୍ଥା ରେ ଥିଲାବେଳେ ୪ ଲିଟର ପାଣିରେ ଡାଇକ୍ଲୋରୋଭସ୍ ୧ ମିଲି ଲିଟର ମିଶାଇ ଅକ୍ରାନ୍ତିତ ଗଛର ପତ୍ରରେ ସିଞ୍ଚନ କରିବା ଦ୍ୱାରା ହେଉଥିବା କ୍ଷତି କମ କରାଯାଇପାରିବ ।

- ବ୍ରାକନ ବ୍ରେଭିକରନିଶ ନାମକ ଭଅଁର ଜାତୀୟ ଶତ୍ରୁ ପୋକକୁ ନଡିଆ ଫସଲରେ ୭ରୁ ୧୦ ଦିନ ବ୍ୟବଧାନରେ ୩ ରୁ ୪ ଥର ପ୍ରୟୋଗ କରାଯାଏ । ଏହି ଶତ୍ରୁ ପୋକଟି କାଳିମୁଣ୍ଡି ଲାର୍ଭା ଦେହ ଭିତରେ ଅଣ୍ଡା ଦିଏ । ଅଣ୍ଡାରୁ ଛୁଆ ବାହାରି ଏହାକୁ ପୋକକୁ ଖାଇ ଦିଅନ୍ତି । ଯାହା ଫଳରେ କାଳିମୁଣ୍ଡି ପୋକର ବଂଶ ଲୋପପାଏ ଏବଂ ନଡିଆ ଗଛ ଗୁଡିକ କାଳିମୁଣ୍ଡି ପୋକର ଆକ୍ରମଣରୁ ରକ୍ଷା ପାଏ ।

ରୁଦ୍ର ପ୍ରତାପ ସୁବୁଦ୍ଧି

ସହାକରୀ ପ୍ରାଧାପକ,

ମିଟସ୍ , ରାୟଗଡ଼ା

# କ୍ଷାରଜଳ ଜାଲଘର ମାଛ

ଅର୍ଦ୍ଧେନ୍ଦୁ ଶେଖର ମହାନ୍ତି

ବର୍ତ୍ତମାନ ଭାରତରେ ସାମୁଦ୍ରିକ ମତ୍ସ୍ୟକୃଷି ନୀଳ ବିପ୍ଳବର ଏକ ନୂତନ ପଦକ୍ଷେପ । ଏହା ଲକ୍ଷ୍ୟ କରାଯାଇଛି ଯେ ବିଗତ ଦଶଦଶନ୍ଧି ମଧ୍ୟରେ ଲୋକମାନଙ୍କର ସ୍ୱାସ୍ଥ୍ୟକର ପୋଷଣ ଏବଂ ବୈଦେଶିକ ମୁଦ୍ରା ପାଇଁ ମାଛ ପ୍ରତି ଆଦର ଯୋଗୁଁ ସାମୁଦ୍ରିକନ୍ ମାଛର ଘରୋଇ ଚାହିଦା ଅହେତୁକ ଭାବେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଯାହା ଫଳରେ ସାମୁଦ୍ରିକ ମାଛର ଜୋର ମୂଲ୍ୟ ମଧ୍ୟ ବିଶେଷ ଭାବରେ ବୃଦ୍ଧି ପାଉଛି । କିନ୍ତୁ ସ୍ଥଳ ଭାଗର ଭୂମିଖନନ ଏବଂ ବହୁଳ ବ୍ୟବହାରର ସମସ୍ୟା, ତତସହିତ ପାରିପାର୍ଶ୍ୱିକ ପରିବେଶ ପ୍ରଦୂଷଣର ସମସ୍ୟା ଯୋଗୁଁ ଉପକୂଳବର୍ତ୍ତୀ ସାମୁଦ୍ରିକ ମତ୍ସ୍ୟକୃଷିର ସମ୍ପ୍ରସାରଣ ଓ ଉନ୍ନୟନ ବର୍ତ୍ତମାନ ଏକ କାଠିକର ବ୍ୟାପାର ହୋଇ ପଡ଼ିଛି । ଏଣୁ ଏ ସବୁର ସମାଧାନ ନିମନ୍ତେ ଲୋକମାନଙ୍କ ମନରେ 'ସମୁଦ୍ରାଭିମୁଖୀ' ବା 'ସମୁଦ୍ର ମୁହାଁ' ନାମକ ଏକ ଚିନ୍ତାଧାରା ଜାଗ୍ରତ ହେବା ସଙ୍ଗେ ସଙ୍ଗେ ଏହା କ୍ଷିପ୍ର ଗତିରେ ଅଗ୍ରସର ହେଉଛି, ବିଶେଷ କରି ସାମୁଦ୍ରିକ ମତ୍ସ୍ୟପାଳନ ନିମନ୍ତେ ।





କ୍ଷାରଜଳ ଜାଲଘର ମାଛଚାଷର

**ଉପକାରିତା :**

୧) ପ୍ରାୟତଃ ସର୍ବାଧିକ ପ୍ରକାର ଜଳଉତ୍ସର ସମ୍ପୂର୍ଣ୍ଣ ବିନିଯୋଗ ଯେପରିକି ମୁକ୍ତ ସମୁଦ୍ର, ମୁହାଣ, ବୃହତଜଳାଶୟ, ନଦୀ, ହ୍ରଦ ଏବଂ କ୍ଷାରଜଳ ଉତ୍ସ ଇତ୍ୟାଦି ।

୨) ଗରିବ ଏବଂ ଜମିହୀନ କୃଷକ ପାଇଁ ଏହା ଏକ ଉତ୍କୃଷ୍ଟ ମାଧ୍ୟମ, କାରଣ ଏଥିପାଇଁ ଜମି କିମ୍ବା ଉତ୍ସର ଅଧିକାର ଆବଶ୍ୟକତା ନାହିଁ ।

୩) ଅନ୍ୟ ମତ୍ସ୍ୟକୃଷି ଅପେକ୍ଷା ଜାଲଘର ମାଛଚାଷରେ ମାଛ ମାନଙ୍କର ବୃଦ୍ଧି ଅପେକ୍ଷାକୃତ ଅଧିକ ହୋଇଥାଏ ।

୪) ପୋଖରୀ, ଗାଡ଼ିଆ ପରି ମାନଦ୍ଧ ଜଳାଶୟ ଅପେକ୍ଷା ଜାଲଘର ମାଛ ଚାଷରେ ୧୦-୧୨ ଗୁଣା ଅଧିକ ଉତ୍ପାଦନ ହୋଇଥାଏ ।

୫) ସମସ୍ତ ପରିଚାଳନା ଅତି ସହଜ ହୋଇଥାଏ । ଯଥା- ଖାଦ୍ୟଦେବା, ଯତ୍ନ ନେବା ଏବଂ ତଦାରଖ କରିବା ଇତ୍ୟାଦି ।

୬) ବର୍ଷରେ ସର୍ବାଧିକ ଥର ଉତ୍ପାଦନ କରିହେବା ଭଳି ଏକ ସୀମିତ ସମୟ ମାଛଚାଷ ।

୭) ବନ୍ୟା ଜନିତ କ୍ଷତିର ସର୍ବନାଶ ଭୟ ।

୮) କୌଣସି ପ୍ରକାର ଜଳସ୍ତର ହ୍ରାସର ପ୍ରଶ୍ନ ନାହିଁ ।

୯) କୌଣସି ପ୍ରକାର ଭୂମି ଖଳନ କିମ୍ବା ମାଟି ସମ୍ବନ୍ଧୀୟ ତଦାରଖର ଆବଶ୍ୟକତା ନାହିଁ ।

୧୦) ଜଳ ପରିବର୍ତ୍ତନର ଆବଶ୍ୟକତା ନାହିଁ ।

୧୧) ଯେହେତୁ ଅନ୍ୟ କୃଷିକାର୍ଯ୍ୟ ଠାରୁ ଏହାର ସ୍ଥାନ ଦୂର ଏବଂ ସମ୍ପୂର୍ଣ୍ଣ ଭିନ୍ନ । ତେଣୁ ରାସାୟନିକ ପଦାର୍ଥର ପ୍ରଭାବ ଏହା ଉପରେ ନାହିଁ କହିଲେ ଚଳେ ।

୧୨) ଉପଯୁକ୍ତ ବଜାର ସ୍ଥାନ ଦେଖି ଏହାକୁ ପରିଚାଳନା କରିବା ସଙ୍ଗେ ସଙ୍ଗେ ଆମଦାନୀ ଓ ରପ୍ତାନୀର ଅସୁବିଧାକୁ ମଧ୍ୟ ଏଡ଼ାଇ ଦିଆଯାଇ ପାରିବ ।

୧୩) ଏଥିରେ ସହଜ ଏବଂ ସମ୍ପୂର୍ଣ୍ଣ ମାଛ ଉତ୍ପାଦନ ସମ୍ଭବ ।

୧୪) ଏଥିରେ ଦିଆଯାଉଥିବା ଖାଦ୍ୟର ସମ୍ପୂର୍ଣ୍ଣ ବିନିଯୋଗ ହୋଇଥାଏ ।

୧୫) ସବୁଠାରୁ ବଡ଼ କଥା ହେଲା ଏଥିରେ କମ୍ ଖର୍ଚ୍ଚରେ ସର୍ବାଧିକ ଲାଭ ହୋଇଥାଏ ।

(ରେମୁଣା , ବାଲେଶ୍ୱର, ମୋ -୯୧୭୮୪୦୬୫୭)

# କୃଷି ପର୍ଯ୍ୟଟନ

କୃଷି ପର୍ଯ୍ୟଟନ କୃଷି ଭିତିକ କର୍ଯ୍ୟକଳାପ ସହ ଜଡିତ ଯାହା ପରିଦର୍ଶକ ମାନଙ୍କୁ ଆକୃଷ୍ଟ କରିବା ସହିତ ଚ଼ାଷ ଜମି ର ସୌନ୍ଦର୍ଯ୍ୟ ଏବଂ ଚ଼ାଷୀ ବିଷୟରେ ଜାଣିବାର ସୁଯୋଗ ସୃଷ୍ଟି କରିଥାଏ । ଲୋକମାନେ ବର୍ତମାନ ଖାଦ୍ୟ କିପରି ଉତ୍ପାଦିତ ହୁଏ , କିପରି ପ୍ରକ୍ରିୟାକରଣ ହୁଏ ଏବଂ କିପରି ବିଭିନ୍ନ ବଜାର ରେ ପହଞ୍ଚେ ? , ସେ ବିଷୟରେ ଜାଣିବା ପାଇ ଇଚ୍ଛା ପ୍ରକାଶ କରୁଛନ୍ତି । ଆମ ଓଡିଶା ସାରା ଭାରତରେ ଉଭୟ



ଘରୋଇ ଏବଂ ବିଦେଶୀ ନାଗରିକ ଙ୍କ ପାଇଁ ଏକ ଲୋକପ୍ରିୟ କୃଷି ପର୍ଯ୍ୟଟନ ର ଗନ୍ତବ୍ୟସ୍ଥଳ ।

କୃଷି ପର୍ଯ୍ୟଟନ ମାଧ୍ୟମରେ ଓଡିଶା ରେ କୃଷକ ମାନଙ୍କ ଜୀବନଶୈଳୀ, ଆମର ସଂସ୍କୃତି ଏବଂ ପାରମ୍ପାରିକ ପ୍ରଥମିକତା ବିଷୟରେ ପର୍ଯ୍ୟଟକ ମାନେ ଅବଗତ ହୋଇପାରିବେ ଏହା ଛଡା ସ୍ଥାନୀୟ କୃଷି ଜାତୀୟ ଦ୍ରବ୍ୟ ଏବଂ ବିଭିନ୍ନ କୃଷି ପ୍ରକ୍ରିୟା ସହ ସିଧାସଳଖ ଯୋଡି ହୋଇପାରିବେ । ଦେଶ ର ସବୁଠାରୁ ଅଧିକ ଧାନ ଉତ୍ପାଦନ କରୁଥିବା ରାଜ୍ୟ ମଧ୍ୟରୁ ଓଡିଶା ଅନ୍ୟତମ । ଓଡିଶା ର ଧାନ ଉତ୍ପାଦନ ଦେଶ ର ମୋଟ ଚ଼ାଉଳ ଉତ୍ପାଦନ ର ଏକ ଦଶମାଂଶ ଅଟେ । ଆମ ରାଜ୍ୟ ରେ ଚ଼ାଷୀ ଙ୍କ ଦ୍ୱାରା ଚ଼ାଷ କରାଯାଉଥିବା ମୁଖ୍ୟ ଫସଲ ଗୁଡିକ ହେଉଛି ଧାନ, ଝୋଟ, ବିଭିନ୍ନ ତୈଳଜାତୀୟ ଫସଲ, ଡାଲି ଜାତୀୟ, ମକା, ଆଖୁ, ଚ଼ା, କପା, ରବର, ମାଣ୍ଡିଆ, ରାଗି, ଆଳୁ, ବିଭିନ୍ନ ଫଳ ଏବଂ ପଣି ପନିପରିବା ଇତ୍ୟାଦି । ଓଡିଶା ରେ ବିଭିନ୍ନ ଋତୁ ରେ ବିଭିନ୍ନ ଫସଲ ଚ଼ାଷ କରାଯାଇଥାଏ । ଏହା ସହିତ ଉପକୂଳବର୍ତ୍ତୀ ଜିଲ୍ଲା ମାନଙ୍କ ରେ ବିଭିନ୍ନ ପ୍ରଜାତି ର ମାଛ ,ଚ଼ିଙ୍ଗୁଡି ଏବଂ



ଅନିଲ କୁମାର ମିଶ୍ର

କଙ୍କଡା ଚ଼ାଷ କରାଯାଇଥାଏ । ପଶୁପାଳନ ଏବଂ କ୍ଷୀର ଉତ୍ପାଦନ ରେ ମଧ୍ୟ ଓଡିଶା ବହୁତ ଆଗରେ ।

କୃଷି ପର୍ଯ୍ୟଟନ ମାଧ୍ୟମରେ ପରିଦର୍ଶକ ମାନେ ଶସ୍ୟ ପର୍ଯ୍ୟଟନ , ପନିପରିବା ପର୍ଯ୍ୟଟନ , ଫଳ ପର୍ଯ୍ୟଟନ , ପଶୁପାଳନ ପର୍ଯ୍ୟଟନ ଏବଂ ମଛାଚ଼ାଷ ପର୍ଯ୍ୟଟନ ସ୍ଥଳ ବୁଲି ଦେଖି ପାରିବେ । କୃଷି ପର୍ଯ୍ୟଟନ କୃଷି , କୃଷକ , ଜନସାଧାରଣ ଏବଂ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ଲାଭବାନ ସୂତ୍ର ।

❖ ଚ଼ାଷୀ ମାନେ ପ୍ରତ୍ୟକ୍ଷ ଭାବେ ନିଜ ଉତ୍ପାଦନ ର ବିପଣନ କରିପାରିବେ । କୃଷି ପର୍ଯ୍ୟଟନ ଚ଼ାଷୀ ଙ୍କୁ ମୂଲ୍ୟ ନିର୍ବାହକାରୀ ପରିବର୍ତ୍ତ ? ମୂଲ୍ୟ ନିର୍ମାତା ଭାବରେ ରୂପାନ୍ତର କରିପାରିବ ।

❖ କୃଷି ପର୍ଯ୍ୟଟନ କୃଷକ ପାଇଁ ଆୟର ଏକ ଅତିରିକ୍ତ ସହାୟକ ସ୍ରୋତ ହୋଇପାରିବ ଏବଂ ସେଇ ପୂର୍ବ ଜମି ଆଧାର ରେ ଚ଼ାଷୀ ଅଧିକ ଲାଭବାନ ହୋଇପାରିବ ।

❖ କୃଷି ପର୍ଯ୍ୟଟନ ସ୍ଥଳ ପାଇଁ ଆକର୍ଷିତ ହୋଇଥିବା ପରିଦର୍ଶକ ମାନେ ପୁରୁଣା କୃଷି ଦ୍ରବ୍ୟ କିଣିବା ପାଇଁ ମଧ୍ୟ ଆଗ୍ରହ ପ୍ରକାଶ କରିବେ ।

❖ ଫସଲ ଉତ୍ପାଦନ ସମୟ ଛଡା ମଧ୍ୟ ଟିକିଏ ଚ଼ତୁରତା ସହିତ ଚ଼ାଷୀ ବର୍ଷ ତମାମ ଅର୍ଥ ଉପାର୍ଜନ କରିପାରିବ ।

❖ ମୁଖ୍ୟତ କୃଷି ପର୍ଯ୍ୟଟନ ଦ୍ୱାରା କୃଷକ ଏବଂ ଗ୍ରାହକ ଙ୍କ ସହଭାଗୀତା କୁ ବୃଦ୍ଧି କରିବାରେ ସଫଳ ହୋଇପାରିବ ।

❖ ଏହା ମଧ୍ୟ ବିଦ୍ୟାଳୟ ରେ ପଢୁଥିବା ପିଲାମାନଙ୍କ ପାଇଁ ଏବଂ କୃଷି ଆଗ୍ରହୀ ଲୋକ ଙ୍କ ପାଇଁ ପ୍ରଶିକ୍ଷଣ ର ସୁଯୋଗ ସୃଷ୍ଟି କରିବା ସହିତ ପରିବାର ଅନୁକୂଳ ଗନ୍ତବ୍ୟସ୍ଥଳ ଖୋଜୁଥିବା ଲୋକ ମାନଙ୍କ ପାଇଁ ଏକ ମନୋରଞ୍ଜନ ର ମାଧ୍ୟମ ହୋଇପାରିବ, ଯେଉଁଠି ସେମାନେ ବ୍ୟସ୍ତ ବହୁଳ ଜୀବନ ରୁ ବାହାରି ଆସି ପ୍ରକୃତି, ଉଦ୍ଭିଦ, ଏବଂ ଘୋରୋଇ ପଶୁ ପକ୍ଷୀ ଙ୍କ ଗହଣ ରେ ସମୟ ଅତିବାହିତ କରିପାରିବେ ।

❖ କୃଷି ପର୍ଯ୍ୟଟନ କୃଷକ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ଉତ୍ତମ ସମ୍ପର୍କ ସୃଷ୍ଟି କରିବା ସହିତ ଛୋଟ ସମ୍ପ୍ରଦାୟର ଉନ୍ନତି ରେ ମଧ୍ୟ ଅଂଶଧର ହେବ ।

❖ ପର୍ଯ୍ୟଟନ ଦ୍ୱାରା ସ୍ଥାନୀୟ ଉତ୍ପାଦନ ଏବଂ ସେବା ଗୁଡିକର ବିକ୍ରୟ ରେ ବୃଦ୍ଧି ହେବ ସହ ସ୍ଥାନୀୟ ଅଞ୍ଚଳ ରେ ନିଯୁକ୍ତି ମଧ୍ୟ ସୃଷ୍ଟି କରିବ ।

❖ ପଡୋଶୀ କ୍ଷୁଦ୍ର ଚ଼ାଷୀ ଙ୍କ ପାଇଁ ଏହା ଏକ ମାର୍କେଟିଂ ଭେନ୍ୟୁ ରୂପରେ ମଧ୍ୟ ବ୍ୟବହାର କରାଯାଇ ପାରିବ ।

କୃଷି ପର୍ଯ୍ୟଟନ କୃଷି , କୃଷକ , ଜନସାଧାରଣ ଏବଂ ସ୍ଥାନୀୟ ସମ୍ପ୍ରଦାୟ ଙ୍କ ମଧ୍ୟରେ ଏକ ସମନ୍ୱୟ ସମ୍ପର୍କ ବଢାଇବାରେ ସକ୍ଷମ ହେବା ସହ କୃଷକ ଙ୍କୁ ଅଧିକ ଲାଭଦାୟକ କରିପାରିବ । ସରକାର ମଧ୍ୟ କୃଷି ପର୍ଯ୍ୟଟନ କୁ ଗୁରୁତ୍ୱ ଦେବା ସହ ଚ଼ାଷୀ ମାନଙ୍କୁ ଏହି ସୁଯୋଗ ବିଷୟରେ ଅବଗତ କରାଇଲେ କୃଷି ଏବଂ କୃଷକ ର ଉନ୍ନତି ହୋଇପାରିବ ।

କୃଷି ବିଶେଷଜ୍ଞ, ଭୁବନେଶ୍ୱର




# ମରୁଭୂମି ପାଲଟିବ ଓଡ଼ିଶା !

ପ୍ରତିବର୍ଷ ଲକ୍ଷ ଲକ୍ଷ ହେକ୍ଟର ଜମି ବନୀକରଣ କରାଯାଉଛି ବୋଲି ତଥ୍ୟ ପ୍ରକାଶ ପାଉଛି। ମାତ୍ର ଏପଟେ ଓଡ଼ିଶା ରାଜ୍ୟ ଧୀରେ ଧୀରେ ମରୁଭୂମି ପାଲଟିବାକୁ ବସିଲାଣି। ଦେଶର ପ୍ରମୁଖ ପାଞ୍ଚଟି ମରୁଡ଼ି ରାଜ୍ୟ ମଧ୍ୟରେ ଓଡ଼ିଶା ସ୍ଥାନ ପାଇଛି। ରାଜସ୍ଥାନ, ଗୁଜୁରାଟ, ମହାରାଷ୍ଟ୍ର ଓ ଜାମ୍ମୁକାଶ୍ମୀର ପରେ ଓଡ଼ିଶାର ସ୍ଥାନ ପଞ୍ଚମ ବୋଲି ଏକ ରିପୋର୍ଟରୁ ଜଣାପଡ଼ିଛି। ରାଜ୍ୟରେ ଜମିଗୁଡ଼ିକ ଶୁଷ୍କ ପାଲଟି ଗଲାଣି। ଅସନ୍ତୁଳିତ ଜଳବାୟୁ, ଜନସଂଖ୍ୟାର ମାତ୍ରାଧିକ ବୃଦ୍ଧି, ଜଙ୍ଗଲ କ୍ଷୟ, ଅତ୍ୟଧିକ ଭୂତଳ ଜଳ ବ୍ୟବହାର, ନଦୀନାଳ ଜଳରାଶିର ଅସଂଯତ ବ୍ୟବହାର ଓ ତ୍ରୁଟିପୂର୍ଣ୍ଣ ଭୂମି ବିନିଯୋଗ ଯୋଗୁଁ ଏପରି ଉଦ୍‌ବେଗଜନକ ସ୍ଥିତି ସୃଷ୍ଟି ହୋଇଛି। ଏପରି ସ୍ଥିତି ଲାଗି ରହିଲେ ସମୟ ଆସିବ ଓଡ଼ିଶା ବି ଦିନେ ଏକ ବଡ଼ ମରୁଭୂମିରେ ପରିଣତ ହୋଇଯିବ। ଏକ ରିପୋର୍ଟ ଅନୁଯାୟୀ, ମରୁ ଅଞ୍ଚଳ ତାଲିକାରେ ପ୍ରଥମ ସ୍ଥାନରେ ରହିଛି ରାଜସ୍ଥାନ। ଏହି ରାଜ୍ୟର ୨.୩ କୋଟି ହେକ୍ଟର ଜମି ଶୁଷ୍କ। ଏହା ପଛକୁ ଥିବା ଗୁଜୁରାଟ, ମହାରାଷ୍ଟ୍ର ଓ ଜାମ୍ମୁକାଶ୍ମୀରରେ ୧.୩ କୋଟି ହେକ୍ଟର ଜମି ଶୁଷ୍କ ଅବସ୍ଥାରେ। ଆଉ ପଞ୍ଚମରେ ଥିବା ଓଡ଼ିଶାରେ ୫୦ଲକ୍ଷ ହେକ୍ଟର ଜମି ଶୁଷ୍କ ପାଲଟିଗଲାଣି। ଯାହାକି ମୋଟ ଜମିର ଶତକଡ଼ା ୩୩ଭାଗ। ତଥାପି ପ୍ରତିବର୍ଷ ସରକାର କହୁଛନ୍ତି ଏଥିପାଇଁ ପଦକ୍ଷେପ ନିଆଯାଉଛି। ମାତ୍ର ବର୍ତ୍ତମାନ ଓଡ଼ିଶାର ସ୍ଥିତି ଯାହା ଭବିଷ୍ୟତରେ ରାଜ୍ୟ ପ୍ରତି ଏକ ବଡ଼ ବିପଦ ମାଡ଼ି ଆସୁଛି ବୋଲି କୁହାଯାଇପାରେ। ଉଭୟ ପ୍ରାକୃତିକ ଓ ମନୁଷ୍ୟକୃତ କାରଣ ଯୋଗୁଁ ଏହି ମରୁକରଣ ପ୍ରକ୍ରିୟା ଏକ ମୁଖ୍ୟ ସମସ୍ୟା ରୂପେ ଉଭା ହୋଇଛି। ବର୍ଷକୁ ହାରାହାରି ୧୦ ଇଞ୍ଚରୁ ବୃଷ୍ଟିପାତ କମ୍ ହେଲେ ଅଞ୍ଚଳଟି କ୍ରମଶଃ ମରୁଭୂମିରେ ପରିଣତ ହୋଇଥାଏ। ଅସନ୍ତୁଳିତ ଜଳବାୟୁ, ବୃଷ୍ଟିହୀନତା ଓ ବୃକ୍ଷ ଛେଦନ ଏହି ପ୍ରକ୍ରିୟା ପାଇଁ ଦାୟୀ। ରାଜ୍ୟର ବିଭିନ୍ନ ଅଞ୍ଚଳରେ କେଉଁଠି ରାସ୍ତା ପ୍ରଶସ୍ତିକରଣ ପାଇଁ ହେଉ ବା ଅନ୍ୟାନ୍ୟ ପାରିପାର୍ଶ୍ୱିକ ଅବସ୍ଥାର ଉନ୍ନତି ପାଇଁ ପ୍ରତିଦିନ ବଡ଼ ବଡ଼ ବୃକ୍ଷ କଟା ଯାଉଛି। ଖୋଦ୍ ରାଜଧାନୀରେ ନିକଟଅତୀତରେ ବହୁ ବଡ଼ ବଡ଼ ବରଗଛ ଓ ଅଶ୍ୱତ୍ଥ ଗଛ କଟାଯାଇଛି। ରାଜ୍ୟର ଅନ୍ୟ ସହରାଞ୍ଚଳ ସହ ଗ୍ରାମାଞ୍ଚଳରେ ମଧ୍ୟ ଲୋକମାନେ ଜାଳେଣି ପାଇଁ ଗଛଲତା କାଟିଥା'ନ୍ତି।

ପରିବେଶବିତ୍‌ଙ୍କ କହିବା ଅନୁଯାୟୀ, ବରଗଛର ସ୍ଥାନ ଶାଳ, ପିଆଶାଳ କି କୌଣସି ଫୁଲ ଗଛ ନେଇପାରିବ ନାହିଁ। ବର ଓ ଅଶ୍ୱତଥ ଗଛ ନିକଟରେ ବାୟୁମଣ୍ଡଳକୁ ଶୁଦ୍ଧ ରଖିବା ପାଇଁ ଯେଉଁ କ୍ଷମତା ରହିଛି, ତାହା ଅନ୍ୟ କୌଣସି ଗଛ ନିକଟରେ ନାହିଁ। ମାତ୍ର ପ୍ରଶାସନର ଚିନ୍ତାଧାରା ଭିନ୍ନ। ବର୍ଷ ବର୍ଷ ଧରି ଥିବା ପୁରୁଣା ଗଛଗୁଡ଼ିକୁ ସେମାନେ କାଟି ଚାଲିଛନ୍ତି। ଗୋଟିଏ ପଟେ ଗୋଟିଏ ବୃକ୍ଷ ଗୋଟିଏ ଜୀବନ ସ୍ଲୋଗାନ ଦିଆଯାଉଛି, ମାତ୍ର ଅନ୍ୟପଟେ ପ୍ରତିଦିନ ଅବିଚାରିତ ଭାବେ ବୃକ୍ଷ କଟା ଚାଲିଛି। ତଥ୍ୟ ଅନୁଯାୟୀ, ଆଗରୁ ଯେପରି ବୃଷ୍ଟିପାତ ହେଉଥିଲା। ଏହା ଧୀରେ ଧୀରେ କମିବାକୁ ଲାଗିଲାଣି। ଏଣୁ ବର୍ତ୍ତମାନ ବୃଷ୍ଟି ଜଳକୁ କିପରି ସଂରକ୍ଷିତ ରଖାଯିବ ଓ ଅଧିକରୁ ଅଧିକ ବନୀକରଣ ହୋଇପାରିବ ସେଥିପାଇଁ ପଦକ୍ଷେପ ନିଆଯିବା ଜରୁରୀ। ଏହାସହ ଜଙ୍ଗଲ ଓ ପରିବେଶ ବିଭାଗରେ ଯେଉଁ ଜଳବାୟୁ ପରିବର୍ତ୍ତନ ସେଲ୍ ଗଠନ କରାଯାଇଛି ତାହା ତ୍ୱରାନ୍ୱିତ ହେବା ଜରୁରୀ। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ କେନ୍ଦ୍ର ସରକାର ଓ ଅନ୍ୟାନ୍ୟ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରାଯିବା ନେଇ ପରିବେଶବିତ୍ ଓ ଜଳସୁରକ୍ଷା କର୍ମୀମାନେ ଦାବି କରୁଛନ୍ତି।

ଓଡ଼ିଶାରେ ମରୁକରଣ ପ୍ରକ୍ରିୟା ପ୍ରତିରୋଧ କରିବା ପାଇଁ ବହୁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଗତବର୍ଷ ବନୀକରଣ କାର୍ଯ୍ୟକ୍ରମରେ ବେଶ୍ ସଫଳତା ମିଳିଛି। ୧ଲକ୍ଷ ୯୮ ହଜାର ୮୯୧ ହେକ୍ଟର ଜମିରେ ବନୀକରଣ କରାଯାଇଛି। ୪୭୫୫ କିଲୋମିଟର ରାସ୍ତାରେ ବୃକ୍ଷରୋପଣ କରାଯାଇଛି। ୫କୋଟି ୫୦ଲକ୍ଷ ଚାରା ମାଗଣାରେ ବଣ୍ଟା ଯାଇଛି। କେବଳ ସହରାଞ୍ଚଳରେ ୧୪ଲକ୍ଷ ୯୦ ହଜାର ଚାରା ରୋପଣ କରାଯାଇଛି। ଗତବର୍ଷ ୧୨ କୋଟି ୪ଲକ୍ଷ ଚାରା ବଣ୍ଟନ ଓ ରୋପଣ କରାଯାଇଥିବାବେଳେ ଚଳିତ ବର୍ଷ ସାଢ଼େ ୧୩ କୋଟି ଚାରା ରୋପଣ କରାଯିବାର ଯୋଜନା ରହିଛି। ଅନୁସନ୍ଧାନରୁ ଜଣାଯାଇଛି ଯେ, ଧୀରେ ଧୀରେ ବୃଷ୍ଟିପାତ କମିବାରୁ ଓଡ଼ିଶାର ଲକ୍ଷ ଲକ୍ଷ ହେକ୍ଟର ଜମି ଏବେ ଶୁଷ୍କ। ରାଜ୍ୟ ଧୀରେ ଧୀରେ ମରୁଭୂମି ପାଲଟିଯିବ। ଏଣୁ ଏଥିପାଇଁ ଉଭୟ ରାଜ୍ୟ ସରକାର ଓ ଜନସାଧାରଣ ପଦକ୍ଷେପ ନେବା ଆବଶ୍ୟକ। ବର୍ତ୍ତମାନ ପରିବେଶ ମଣିଷର ସ୍ଥିତିକୁ ଦୋହଲାଇ ଦେଲାଣି। ସମସ୍ତେ ଏବେ ଧ୍ୱଂସ ଆଡ଼କୁ ଗତି କରୁଛନ୍ତି। ଯଦି ଉଚିତ ପଦକ୍ଷେପ ନିଆନଯାଏ, ତେବେ ରାଜ୍ୟ ସଂପୂର୍ଣ୍ଣ ଶୁଷ୍କ ପାଲଟିଯିବ।

**ଶେଖ୍ ଫରିଦ୍‌ଉଦ୍ଦିନ**, ମଧୁପୁର, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୦୦୪୮୮୮

## ଅଟ୍ରୀ ଉଷ୍ମ ପ୍ରସ୍ରବଣ ବିକାଶ ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ପରିଦର୍ଶନ

ଖୋର୍ଦ୍ଧା।(ପିଏନ)-ଏସିଆ ମହାଦେଶର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ମଧ୍ୟରୁ ବେଗୁନିଆ ବ୍ଲକ ବାଘମାରୀ ପଂଚାୟତ ଅନ୍ତର୍ଗତ ଅଟ୍ରୀସ୍ଥିତ ଉଷ୍ମ ପ୍ରସ୍ରବଣ ଅନ୍ୟତମ । ଏହି ପର୍ଯ୍ୟଟନ ସ୍ଥଳୀକୁ ପ୍ରତିଦିନ ରାଜ୍ୟ ତଥା ବାହାର ପର୍ଯ୍ୟଟକମାନେ ମୋଟରଯାନ ଯୋଗେ ଆସି ତପ୍ତପାଣିରେ ଗାଧୋଇବାର ମଜା ନେଇଥା'ନ୍ତି। ବର୍ଷା ଦିନରେ ମହାନଦୀର ଜଳସ୍ତର ବଢିଲେ ଶାଖା ରଣନଇର ପାଣି ଉଜାଣି ପାଣି ଆସି ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ସମେତ ଅଟ୍ରୀସ୍ଥିତ ଉଷ୍ମ ପ୍ରସ୍ରବଣ ଭିତରେ ୪ରୁ ୫ଫୁଟ ପାଣି ଜମିଥାଏ। ତେବେ ଏହି ସମୟରେ ଜନସାଧାରଣ ଓ ପର୍ଯ୍ୟଟଙ୍କ ସୁରକ୍ଷା ଦୃଷ୍ଟିରୁ ତପ୍ତପାଣି ପରିସର ଭିତରକୁ ନଯିବା ପାଇଁ ବାରଣ କରାଯାଇ ଥାଏ। ମହାନଦୀର ଜଳସ୍ତର କମିଲେ ପର୍ଯ୍ୟଟକମାନଙ୍କ ଭିଡ ଲାଗି ରହିଥାଏ। ବେଳେବେଳେ ଶୀତ ଦିନେ ବହୁ ମାତ୍ରାରେ ପର୍ଯ୍ୟଟକ ମାନେ ଆସିଥା'ନ୍ତି। ଏହି ପର୍ଯ୍ୟଟନ କ୍ଷେତ୍ରକୁ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ଓଡିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଗତ ଗୁରୁବାର ଦିନ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ତହସିଲଦାର ପୃଥ୍ୱୀରାଜ ମଣ୍ଡଳ, ମଣ୍ଡଳ ଉନ୍ନୟନ ଅଧିକାରୀ ଲକ୍ଷ୍ମୀଧର ସାହୁ, ସ୍ଥାନୀୟ ସରପଂଚ ମାନସରଞ୍ଜନ ବିଶ୍ୱାଳ, ଓଡିଶା ପର୍ଯ୍ୟଟନ ବିଭାଗର ସାଧାରଣ ପରିଚାଳକ ଶକ୍ତିକାନ୍ତ ରାୟ, ସହାୟକ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ କାର୍ଯ୍ୟ ପ୍ରକ୍ରିୟାର ଯୋଜନା ଓ ନକ୍ସା ପ୍ରସ୍ତୁତ କରାଯାଇଥିଲା।

# କରୋନା ପରିପ୍ରେକ୍ଷୀରେ ହସ୍ତ ପ୍ରକ୍ଷାଳନ





ପ୍ରତିଦିନ ସକାଳୁ ଉଠି ମୁହଁ ଧୋଇବା ଏବଂ ଖାଇବା ପୂର୍ବରୁ ହାତମୁହଁ ପ୍ରକ୍ଷାଳିବା ତଥା ହାତଦ୍ୱାରା ଶୌଚ ହେବା ଆମର ଏକ ନିୟମିତ ଅଭ୍ୟାସ ହେଲେ ହେଁ କାହିଁକି ଏକଥା କରୁ ନିଜକୁ ପଚାରି କେହି କେବେ ବୁଝିଛନ୍ତି କି? ତେବେ ଏତିକି କହିଲେ ଠିକ୍ ହୋଇପାରେ ଯେ ଏହାଦ୍ୱାରା ଆମେ ହାତ ଶୁଦ୍ଧ ବା ଶୋଧନ କରୁ ଯାହାଫଳରେ କି ଆମ ଶରୀରକୁ ହାତର ସ୍ପର୍ଶ ଦ୍ୱାରା ରୋଗ ଜୀବାଣୁ ବା ଭୂତାଣୁ ପ୍ରବେଶ କରିବାକୁ ଦେଉନଥାଏ । ଆମ ଶରୀରରେ ହାତର ସଂପର୍କ ବିଶେଷ ଭାବରେ ମୁଖ, ନାସା ଏବଂ ଆଖି ସହିତ ସଂପର୍କିତ ଥାଏ । ଜୀବାଣୁ ବା ଭୂତାଣୁଯୁକ୍ତ ହାତ ଯଦି ମୁଖ, ନାସା ଏବଂ ଆଖି ସ୍ପର୍ଶ କରେ, ସେମାନେ ଶରୀର ମଧ୍ୟରେ ପ୍ରବେଶ କରି ନାନା ରୋଗ ସୃଷ୍ଟି କରନ୍ତି। ଏଇଥିପାଇଁ ବୋଧେ ବହୁ ପ୍ରାଚୀନକାଳରୁ ଖାଇବା, ନିଦ୍ରାରୁ ଶୋଇକି ଉଠିବା ଏବଂ ବାହାରକୁ ଯାଇ ଫେରିବାରେ ଆମେ ହାତଗୋଡ଼ ଭଲଭାବରେ ଧୋଇ ପ୍ରବେଶ କରିବାର ଅଭ୍ୟାସ ପ୍ରଚଳିତ ଅଛି । ଅଥଚ ଅନେକ ସମୟରେ ଆମେ ଏହାର ବ୍ୟତିକ୍ରମ କରୁ। ଏହି ଯେମିତି ଗୋଡ଼ ହାତ ନଧୋଇ ଘରେ ପଶିଯିବା ଓ ହାତ ମୁହଁ ନଧୋଇ ଜଳଖିଆ ବା କୌଣସି ଫଳ ଇତ୍ୟାଦି ସେହି ହାତରେ ଭକ୍ଷଣ କରିବା ଏବଂ ଗୋଡ଼ ନଧୋଇ ବାହାର ଜୀବାଣୁକୁ ଘରକୁ ଡାକି ଆଣିବା ଇତ୍ୟାଦି କରୁଥାଏଁ । ଏଣୁ ଏହାର ବ୍ୟତିକ୍ରମରେ ଆମେମାନେ ଅନେକ ରୋଗର ଶିକାର ହେଉଥାଏଁ। ହାତ ଧୋଇବା ଏକ



ସ୍ୱାସ୍ଥ୍ୟପ୍ରଦାୟକ ଉତ୍ତମ ଅଭ୍ୟାସ ଓ ଲକ୍ଷଣ । ଏହା ପିଲାଙ୍କୁ ଶିକ୍ଷାଦେବା ଉଚିତ୍ । ଆମେ ଜାଣିବା କଥା ଯେ ଅପରିଷ୍କାର ହାତ ହେଲେ ଅଧିକ ସଂଖ୍ୟାରେ ଜୀବାଣୁ ଆମ ଶରୀର ମଧ୍ୟକୁ ପ୍ରବେଶ କରିଥାନ୍ତି । ସେଥିପାଇଁ ପ୍ରତ୍ୟେକ କାମ କଲା ପରେ ସାବୁନପାଣିରେ ଭଲ କରି ହାତ ଧୋଇବା ଦରକାର । କାରଣ ସାବୁନ ଏକ ଲବଣ ଓ ବିଶୋଧକ । ଏହା ଜୀବାଣୁମାନଙ୍କୁ ମାରିଦେଇଥାଏ ତଥା ହାତକୁ ସଫାସୁତୁରା ରଖିଥାଏ । ଅପରିଷ୍କାର ହାତକୁ ସଂକ୍ରମଣ ଅଧିକ ରହିଥାଏ। ବିଶ୍ୱର ପ୍ରତିଟି ବ୍ୟକ୍ତି ହାତକୁ ନିୟମିତ ଭାବେ ସାବୁନ ପାଣିରେ ସଫା କଲେ ସାଧାରଣ ଭାବେ ସମଗ୍ର ବିଶ୍ୱରୁ ମହାମାରୀ ହ୍ରାସ ପାଇବ । ୨୦୦୬ ମସିହାରୁ ଆମେରିକାର "ଗ୍ଲୋବାଲ ପବ୍ଲିକ ପ୍ରାଇଭେଟ୍ ପାର୍ଟନରସିପ୍ ଫର ହାଣ୍ଡ ୱାସିଙ୍ଗ' ନାମକ ଏକ ସ୍ୱେଚ୍ଛାସେବୀ ସଂସ୍ଥା ଦ୍ୱାରା ପ୍ରାୟୋଜିତ 'ଗ୍ଲୋବାଲ ହାଣ୍ଡ ୱାସିଙ୍ଗ ଡେ' ପ୍ରଥମ କରି ଭାରତ ସମେତ ବିଶ୍ୱର ଅନେକ ଦେଶରେ ଅକ୍ଟୋବର ୧୫ ତାରିଖରେ ପାଳନ କରାଯାଇଥିଲା ।

ବିଶ୍ୱସ୍ତରରେ ଜାତିସଂଘର ନିଷ୍ପତ୍ତି କ୍ରମେ ପ୍ରଥମେ ଷ୍ଟକ୍‌ହୋମ୍‌ରେ ୨୦୦୮ରେ ଏହି ଦିବସଟିକୁ ହାତଧୁଆ ଦିବସ ରୂପେ ପାଳିତ ହୋଇଥିଲା । ଏଣୁ ପ୍ରତି ୧୫ ଅକ୍ଟୋବରକୁ ଆମେ ଆନ୍ତର୍ଜାତିକ ହାତଧୁଆ ଦିବସ ରୂପେ ଏହାକୁ ପାଳୁଥାଏଁ ଏବଂ ଏହି କାର୍ଯ୍ୟକ୍ରମରେ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୨ ଶହ ନିୟୁତ ଲୋକ ଅଂଶଗ୍ରହଣ କରିଥାନ୍ତି। ଏହାର ମୂଳଲକ୍ଷ୍ୟ ହେଲା ଶିଶୁ ସମାଜ ତଥା ସମଗ୍ର ମାନବ ସମାଜକୁ ହାତଧୁଆ ନେଇ ସଚେତନ କରାଇବା । ଜାତିସଂଘର କର୍ମକର୍ତ୍ତାଙ୍କ ମତରେ ହସ୍ତପ୍ରକ୍ଷାଳନ ଦୈନନ୍ଦିନ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ଏକଥା ଖାଲି ଶିଶୁ ନୁହେଁ, ସମସ୍ତେ ଅବଗତ ହେବା ନିମନ୍ତେ ନିତ୍ୟାନ୍ତ ଜରୁରୀ । ୨୦୧୪ ଅକ୍ଟୋବର ୧୫ରେ ଆମ ଭାରତର ମଧ୍ୟପ୍ରଦେଶରୁ ୧୨,୭୬,୪୨୫ ଛାତ୍ରଛାତ୍ରୀ ଏହି ହାତଧୁଆ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ବିଶ୍ୱସ୍ତରରେ ଏକ ସ୍ୱତନ୍ତ୍ର ରେକର୍ଡ ସ୍ଥାପନ କରିଥିଲେ । ଏବେ ବିଶ୍ୱର ୨୧୩ଟି ଦେଶରେ ମହାମାରୀ କରୋନା (କୋଭିଡ୍-୧୯) ସଂକ୍ରମିତ କରିଛି । ଏଥିରେ ଦୈନିକ ହଜାର ହଜାର ଲୋକ ସଂକ୍ରମିତ ହୋଇ ମୃତ୍ୟୁବରଣ କରୁଛନ୍ତି । ଏହାର ପ୍ରତିରୋଧ ପାଇଁ ଏଯାଏଁ କୌଣସି ଟିକା ବା ଔଷଧ ବାହାରିନାହିଁ । ବହୁ ଚିନ୍ତା, ବୈଜ୍ଞାନିକ ଗବେଷଣା ଏବଂ ଡାକ୍ତରୀ ବିଦ୍ୟା ଅନୁଯାୟୀ ବର୍ତ୍ତମାନ ଏଥିରୁ ମୁକ୍ତି ପାଇଁ ଏକମାତ୍ର ଉପାୟ ହେଉଛି ମାସ୍କ ପିନ୍ଧିବା ସହ ସାବୁନରେ ହାତ ଧୋଇବା, ନିର୍ଦ୍ଦିଷ୍ଟ ସମୟାନ୍ତରରେ ହାତକୁ ସାନିଟାଇଜ୍ କରିବା ତଥା ସାମାଜିକ ବା ଶାରୀରିକ ଦୂରତା ଅନ୍ତତଃ ୬ ଫୁଟ ଦୂରେଇ ରଖିବା ଉଚିତ୍ । ଏହା ବର୍ତ୍ତମାନ ଆମ ପାଇଁ ଏକମାତ୍ର ସୁରକ୍ଷା କବଚ । ଏଠାରେ ସୂଚାଇଦେଉ ଯେ ଉନବିଂଶ ଶତାବ୍ଦୀରେ ଡା. ଇଗ୍‌ନାଜ ସେମ୍‌ଲିଡ୍‌ସ ହାତ ଧୋଇବାର ଉପକାର ଦର୍ଶାଇ ଅଜ୍ଞାତ ରୋଗକୁ ଅନେକ ଜୀବନକୁ ସୁରକ୍ଷିତ ରଖିପାରିଥିଲେ ।

ଉନବିଂଶ ଶତାବ୍ଦୀର ମଧ୍ୟଭାଗରେ ଅଜ୍ଞାତ ରୋଗ ବ୍ୟାପୀ ବହୁ ସଂଖ୍ୟାରେ ଲୋକ ମୃତ୍ୟୁବରଣ କରିଥିଲେ। ସେତେବେଳେ ହାତରେ ଲାଗିଥିବା ଜୀବାଣୁ, ଭୂତାଣୁ ଦ୍ୱାରା ରୋଗ ବ୍ୟାପିପାରେ ବୋଲି ଲୋକଙ୍କର ବିଶେଷ ଜ୍ଞାନ ନଥିଲା। ଏପରିକି ନିଜେ ଡାକ୍ତରମାନେ ମଧ୍ୟ ହାତ ଧୋଉ ନଥିଲେ । ସେହି ସମୟରେ ହଙ୍ଗେରୀର ଜନୈକ ଚିକିତ୍ସକ ଏବଂ ବୈଜ୍ଞାନିକ ଡା. ଇଗ୍‌ନାଜ ସେମଲିଡ୍‌ସ ହାତ ଧୋଇବା ଦ୍ୱାରା ସଂକ୍ରମଣ ରୋକାଯାଇପାରିବ ବୋଲି ପ୍ରଥମେ ଡାକ୍ତରମାନଙ୍କୁ ବୁଝାଇଥିଲେ ଏବଂ ଲୋକଙ୍କୁ ଏହାକୁ ଅଭ୍ୟାସ କରିବା ନିମନ୍ତେ କହିଥିଲେ। ପରେ ଜନସାଧାରଣ ଏହାକୁ ଗ୍ରହଣ କରିବା ପରେ ମୃତ୍ୟୁହାର ଦ୍ରୁତବେଗରେ ହ୍ରାସ ପାଇଥିଲା । ଏଥିପାଇଁ ଆମେ ଡା. ସେମଲିଡ୍‌ସଙ୍କୁ ସଂକ୍ରମଣ ନିୟନ୍ତ୍ରଣର ଜନକ ବୋଲି କହିଥାଉଁ ।

ବର୍ତ୍ତମାନ ସାରା ବିଶ୍ୱ ତାଙ୍କରି ପଦ୍ଧତିକୁ ଗ୍ରହଣ କରିଛି । ଏବେ ଯାହା ଦେଖାଯାଏ ଲୋକେ ଏଥିପ୍ରତି ସଚେତନ ରହିବାରୁ ବର୍ତ୍ତମାନ ବିଶ୍ୱରେ ଏହାର ସଂକ୍ରମଣ ଏବଂ ମୃତ୍ୟୁହାର କମିବାରେ ଲାଗିଛି । ଅବଶ୍ୟ ଆମେ ଭବିଷ୍ୟତ କଥା ଏଇନେ କହିପାରିବା ନାହିଁ । ଏବେ କରୋନା ସଂକ୍ରମଣ କାଳରେ ବଡ଼ମାନଙ୍କ ସହ ପିଲାମାନଙ୍କୁ ବି ସ୍ୱଚ୍ଛ ରହିବା ଲାଗି ହସ୍ତ ପ୍ରକ୍ଷାଳନ ଶିଖାଇବା ଜରୁରୀ ହୋଇପଡ଼ିଛି । ବିଶେଷକରି ଫଳ ଏବଂ ପନିପରିବା କାଟିବା କିମ୍ବା ରୋଷେଇ କରିବା ପୂର୍ବରୁ ଓ ପରେ ହାତ ଧୋଇବା ନିହାତି ଆବଶ୍ୟକ ହୋଇପଡ଼ିଛି । କୌଣସି ଜିନିଷ ଖାଇବା ପୂର୍ବରୁ ଭଲଭାବରେ ହାତ ଧୁଅନ୍ତୁ । ଅସୁସ୍ଥ ବ୍ୟକ୍ତିଙ୍କ ସେବା କରୁଥିଲେ ବି ବାରମ୍ବାର ହାତ ଧୋଇବା ଜରୁରୀ ହୋଇଥାଏ । ସେମିତି ଘା, ଘେଉଡି ଉପଚାର କରିବା ପୂର୍ବରୁ ଓ ପରେ ହାତକୁ ଧୋଇବା ଉଚିତ୍। କୌଣସି ପଶୁଙ୍କୁ ଖାଦ୍ୟ ଦେଉଥିଲେ, ଆବର୍ଜନା ସଫା କରୁଥିଲେ, ଶୌଚାଳୟ ବ୍ୟବହାର କରିବା ପରେ ପିଲାଙ୍କ ପୋଷାକ ବଦଳାଇବା ପରେ, ନାକ ପୋଛିବା ସହ କାଶିବା ଏବଂ ଛିଙ୍କିବା ପରେ ମଧ୍ୟ ହାତ ଧୋଇବା ଜରୁରୀ । ହାତକୁ ସାବୁନ, ହ୍ୟାଣ୍ଡ ୱାସ୍ ଆଦି ଲଗାଇ ଧୋଇପାରିବେ । ଆଲକୋହଲ୍‌ଯୁକ୍ତ ସାନିଟାଇଜରରେ ବି ହାତ ସଫା କରିପାରିବେ। ତେବେ ହାତ ଧୋଇବା ସହ ଏହାକୁ ଶୁଖାଇବା ଆବଶ୍ୟକ। କାରଣ କେତେକଙ୍କ ମତରେ ଓଦା ହାତରେ ଅଧିକ ଜୀବାଣୁ ଲାଗି ସଂଖ୍ୟାବୃଦ୍ଧି କରିବାର ଆଶଙ୍କା ଥାଏ । ଏବେ କରୋନା ସଂକ୍ରମଣ ବେଳେ ଗାମୁଛା ବା କପଡ଼ାରେ ହାତ ପୋଛିବା ଅପେକ୍ଷା ଡିସ୍‌ପୋଜେବଲ୍ ଟିସୁ ପେପରରେ ହାତ ପୋଛି ଶୁଖାଇବାରେ ଅଧିକ ଉପକାର ମିଳିଥାଏ ବୋଲି ବିଶେଷଜ୍ଞ ମତ ଦିଅନ୍ତି । ଏହା ଜାଣିବା କଥା ଯେ କୌଣସି ପାଗ, ଥଣ୍ଡା ବା ଉଷ୍ମତା ସହିତ ଏ ଜୀବାଣୁ ସଂକ୍ରମଣର ବାଧକ ନୁହେଁ । ଏହା ଯେକୌଣସି ପରିସ୍ଥିତିରେ ଓ ପରିବେଶରେ ସଂକ୍ରମିତ ହୋଇଥାଏ । ଏଥିପାଇଁ ଉପରବର୍ଣ୍ଣିତ ତଥ୍ୟ ଅନୁସାରେ ତଥା ଆମ ପାଇଁ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଉଥିବା ନିର୍ଦ୍ଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରିବା ଉଚିତ୍ । ନିଜେ ବଂଚିଥିଲେ ଯୁଗଭୋଗୀ । ଏହା ବି ଆମେ ଜାଣୁ ଯେ ରୋଗ ନିବାରଣ ଅପେକ୍ଷା, ଏହାର ନିରାକରଣ ସବୁଠୁ ଶ୍ରେଷ୍ଠ ଉପାୟ । ଏଣୁ ଆସ, ଏ କରୋନା ମହାମାରୀ ପରିପ୍ରେକ୍ଷୀରେ ନିଜକୁ ନିଜେ ବଂଚାଇବା ପାଇଁ ଚେଷ୍ଟା କରିବା ଏବଂ ଏ ବିଶ୍ୱର ଏ ମହାମାରୀକୁ ନିଶ୍ଚିହ୍ନ କରିବା ନୋହିଲେ ଏ ମଣିଷ ଜାତି ନିଶ୍ଚିହ୍ନ ହୋଇପାରେ ।

**ବିପିନବିହାରୀ ମହାନ୍ତି**, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୧୩୮


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication


## ସାହିତ୍ୟ ସମାଜର ଦର୍ପଣ

ଖୋର୍ଦ୍ଧା,(ପିଏନ)- ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ଗ୍ରାମର ଦୁର୍ଗା ମଣ୍ଡପ ପରିସରରେ କୃଷ୍ଣଚୂଡା ସାହିତ୍ୟ ସଂସଦର ପଂଚମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ସଂସଦର ସଭାପତି ପ୍ରମୋଦ କୁମାର ପଣ୍ଡାଙ୍କ ଆବାହକତ୍ୱ ଓ କବି ଜମ୍ମେଶ୍ୱର କହଲସିଂହଙ୍କ ପୌରୋହିତ୍ୟରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ସରପଂଚ ମାନସରଞ୍ଜନ ବିଶ୍ୱାଳ, ସମିତି ସଭ୍ୟ ନବନିତା ମହାନ୍ତି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ବିଜେଡି ଦଳର ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ନୟାଗଡ ଜିଲ୍ଲା ଲେଖକ ପରିଷଦର ସମ୍ପାଦକ ଶେଖ ଅବଦୁଲ ଖାଲିକ ବରେଣ୍ୟ ଅତିଥି, ସ୍ଥାନୀୟ ମା ଦୁର୍ଗା ବଣିକ ସଂଘର ସମ୍ପାଦକ ଆର୍ତ୍ତବନ୍ଧୁ ସେଠୀ, କଂଟିଲୋ ନୀଳମାଧବ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡଃ ପବିତ୍ର କୁମାର ସୁବୁଦ୍ଧି ମୁଖ୍ୟବକ୍ତା ଭାବେ ଯୋଗଦେଇ ସାହିତ୍ୟ ସମାଜର ଦର୍ପଣ ବୋଲି ମତ ଦେଇଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ନୟାଗଡ ଜିଲ୍ଲା ପରମ୍ପରାର ସମ୍ପାଦକ ନିର୍ମଳ ଚନ୍ଦ୍ର ଶୁରଦେଓଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ନୟାଗଡ ଜିଲ୍ଲା ଲେଖକ ପରିଷଦର ସଭାପତି ବୃନ୍ଦାବନ ମହାପାତ୍ର ମୁଖ୍ୟ ଅତିଥି, ସ୍ଥାନୀୟ ମା ଦୁର୍ଗା ବଣିକ ସଂଘର ସଭାପତି ଧର୍ମାନନ୍ଦ ମହାନ୍ତି ବିଶିଷ୍ଟ ଅତିଥି, ଅବସରପ୍ରାପ୍ତ ଅଧ୍ୟାପକ ଡଃ କୈଳାସ ବାଣ୍ଣ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ କବି ନିଶିକାନ୍ତ କହଲସିଂହ, ବିପିନବିହାରୀ ସାହୁ, କବୟିତ୍ରୀ ହରପ୍ରିୟା ଦ୍ୱିବେଦୀ ଓ ନୀଳିମା ନନ୍ଦ ସଂଯୋଜନା କରିଥିବା ବେଳେ ଅନୁଷ୍ଠାନର ସମ୍ପାଦକ ଗୋପୀନାଥ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## 'ସୁଲଗ୍ନା' ଲୋକାର୍ପଣ



କଟକ (ପିଏନ୍): ମାସିକ ପତ୍ରିକା 'ସୁଲଗ୍ନା'ର ବାର୍ଷିକ ଉତ୍ସବ ଓ ଶାରଦୀୟ ବିଶେଷାଙ୍କ କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭବନରେ ଉଦଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ସମାଜ ସେବିକା ନମ୍ରତା ଚଢ଼ା, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର ସରୋଜିନୀ ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପତ୍ରିକାର ସମ୍ପାଦିକା, ସୁଲେଖିକା, ସମାଜସେବିକା ଡକ୍ଟର ଗାୟତ୍ରୀ ଦେବୀଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ। ଏହି ଅବସରରେ ରୁମଝୁମ ନାୟକଙ୍କୁ 'ସୁଲଗ୍ନା ସାହିତ୍ୟ ରତ୍ନ ସମ୍ମାନ', ଡାକ୍ତର ତନ୍ମୟିନୀ ଦାସଙ୍କୁ 'ସେବାରତ୍ନ', ଅନୁସ୍ମିତା ସ୍ୱାଇଁଙ୍କୁ 'ଶିକ୍ଷାରତ୍ନ', ଗୀତା ପଟ୍ଟନାୟକଙ୍କୁ 'କଳାରତ୍ନ' ଓ ସୁପ୍ରିୟା ଦାସଙ୍କୁ 'ସାମ୍ବାଦିକ ରତ୍ନ' ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଶିଷ୍ଟ ମାନସିକ ରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର ଗୋପାଳ ଚନ୍ଦ୍ର କର ଯୋଗ ଦେଇଥିବାବେଳେ କାର୍ଯ୍ୟକ୍ରମକୁ ଯୁବ ମାନସିକ ରୋଗ ବିଶେଷଜ୍ଞ ତଥା ଦି'ବ୍ରେନର ଟ୍ରଷ୍ଟି ଡାକ୍ତର ସମ୍ରାଟ କର, ଡାକ୍ତର ଶୁଭଶ୍ରୀ ମିଶ୍ର, ରାଧାମୋହନ ସାହୁ ଓ ନିରଞ୍ଜନ ଡାଳୁଆ ପ୍ରମୁଖ ପରିଚାଳନା କରିଥିଲେ।

## ମୁଖ୍ୟମନ୍ତ୍ରୀ ଓ ବିଧାୟକଙ୍କୁ କୃତଜ୍ଞତା ଜଣାଇଲେ ଉତ୍ତର ଯୁବ ସଭାପତି

ଭୁବନେଶ୍ୱର (ପିଏନ୍)- ଓଡିଶାର ଜନପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତଙ୍କୁ ଧନ୍ୟବାଦ ଦେବାସହ କୃତଜ୍ଞତା ଜଣାଇଛନ୍ତି ଉତ୍ତର ନିର୍ବାଚନ ମଣ୍ଡଳୀର ନବନିଯୁକ୍ତ ଯୁବ ସଭାପତି ବିରେନ୍ଦ୍ର କୁମାର ଜେନା। ସେ ବାଲିଯାତ୍ରା ପଡିଆରୁ ଏକ ବିଶାଳ ର୍‍ୟାଲିରେ ବାହାରି ଉତ୍ତର ବିଧାୟକଙ୍କ ବାସଭବନରେ ପହଞ୍ଚି ଥିଲେ। ସେଠାରେ ବିଧାୟକଙ୍କୁ ଭେଟିବା ସହିତ ଆଶୀର୍ବାଦ ନେଇଥିଲେ। ଉତ୍ତର ବିଧାୟକଙ୍କ ଚୟନକ୍ରମେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଏଭଳି ଗୁରୁଦାୟିତ୍ୱ ଦେଇଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ଉତ୍ତର ବିଧାୟକଙ୍କୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜ୍ଞାପନ କରିଥିଲେ। ଆଗାମୀ ଦିନରେ ଉତ୍ତର ନିର୍ବାଚନ ମଣ୍ଡଳୀର ସମସ୍ତ ଯୁବ ଓ ଛାତ୍ରମାନଙ୍କୁ ଏକତ୍ରିତ କରି ଲୋକଙ୍କ ସେବା କରିବା ସହିତ ଉତ୍ତର ବିଜେଡି ଯୁବଶକ୍ତିକୁ ଆହୁରି ମଜବୁତ କରିବେ ବୋଲି ସେ କହିଥିଲେ। ପ୍ରକାଶ ଥାଉକି ଶ୍ରୀଯୁକ୍ତ ଜେନା ପୂର୍ବରୁ ସରପଞ୍ଚ ଥାଇ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିବା ସହିତ ଦିନରାତି ଲୋକଙ୍କ ସେବା କରି ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।




# ଅଳପୁଆ ଠାରେ ବିଜେଡିର କର୍ମୀ ସମାବେଶ

ଧର୍ମଶାଳା,(ପି.ଏନ): ରାଜ୍ୟରେ ବିଜେଡି ଶାସନ କାଳରେ ବିକାଶ ଧାରା ଜାରି ରହିଛି । ଯାଜପୁର ଓ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିକାଶ ଆକାଶ ଛୁଆଁ ହୋଇପାରିଛି । ହେଲେ ବରୀ ନିର୍ବାଚନ ମଣ୍ଡଳୀ ବିକାଶ ଶୂନ୍ୟ ହୋଇପଡିଛି । ରାସ୍ତା ଘାଟଠାରୁ ଆରମ୍ଭ କରି ସାଧାରଣ ଲୋକେ ନ୍ୟାୟ ପାଇବା ପରିବର୍ତ୍ତେ ଚାପର ଶିକାର ହେଉଛନ୍ତି । ସମବାୟ ସମିତି ନିର୍ବାଚନରେ କର୍ମୀମାନଙ୍କୁ ହରାଇବାରେ ସହଯୋଗ, ୨୦୧୯ ନିର୍ବାଚନରେ ଜିତାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା କର୍ମୀ ଓ ନେତାମାନଙ୍କୁ ସମ୍ପୂର୍ଣ୍ଣ ଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଓ ବରୀ ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ ଅଣଦେଖା କରିବା ସହିତ ବିଧାୟିକା ନିଜ ଅଞ୍ଚଳ ପଂଚାୟତରେ ନିର୍ବାଚନରେ ବିଜେପି ୬୬୮ଖଣ୍ଡ ଭୋଟରେ ଆଗୁଆ ରହିଥିବା ବେଳେ ବିଜେପିରୁ ବିଜେଡିକୁ ଆସିଥିବା ବିଶ୍ୱ ରଂଜନ ମଲ୍ଲିକଙ୍କୁ ନବୀନ ନିବାସରେ ଦଳକୁ ଉତରୀୟ ଦେଇ ତାଙ୍କୁ ସ୍ୱାଗତ କରିଥିଲେ । ପରେ ଉଭୟଙ୍କୁ ଗୋଟିଏ ମଂଚରେ ଦେଖିବାକୁ ମିଳିଲା ନାହିଁ । ପଂଚାୟତ ନିର୍ବାଚନରେ ନିଜ ନିଜ ଢଙ୍ଗରେ ନିର୍ବାଚନ ପ୍ରଚାର କଲେ । ଯାହା ସାଧାରଣ ଲୋକମାନଙ୍କୁ କି ବାର୍ତ୍ତା ଦେବ ଏନେଇ ଯାଜପୁର ଜିଲା ରସୁଲପର ବ୍ଲକ ଅର୍ଥଙ୍ଗା ପଂଚାୟତରେ ଆୟୋଜିତ ବିଜେଡି କର୍ମୀ ସମାବେଶରେ ମାଧ୍ୟମରେ ଅସନ୍ତୋଷ ପ୍ରକାଶ ପାଇଛି । ଆଗାମୀ ଦିନରେ ୱାର୍ଡ କମିଟି ଗଠନ କରାଯାଇ ବରୀ ନିର୍ବାଚନ ମଣ୍ଡଳୀର ୨୯ ଓ ଯାଜପୁର ବ୍ଲକର ୯ଗୋଟି ପଂଚାୟତରେ କର୍ମୀ ସମାବେଶ ଅନୁଷ୍ଠିତ ହେବା ସହିତ ଏହି ଘଟଣାକୁ ନେଇ ଦଳ ସୁପ୍ରିମୋ ନବୀନ ପଟ୍ଟନାୟକ, ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ଧର୍ମଶାଳା ବିଧାୟକ ତଥା ଯୁବ ଛାତ୍ର ସାଧାରଣ ସମ୍ପାଦକ(ଯୁବ ବ୍ୟାପାର)ଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଏହି କର୍ମୀ ସମାବେଶରେ ନିଷ୍ପତି ନିଆଯାଇଛି ।ବରୀ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକର ୧୦ ଗୋଟି ପଂଚାୟତକୁ ନେଇ ଅର୍ଥଙ୍ଗା ପଂଚାୟତସ୍ଥ ଅଳପୁଆର ହନୁମାନ ପଡିଆଠାରେ ବିଜୁ ଜନତା ଦଳର କର୍ମୀମାନଙ୍କୁ ନେଇ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି । ବିଜୁ ଜନତା ଦଳର ଜିଲା ସାଧାରଣ ସମ୍ପାଦକ ପ୍ରଦିପ ଦାସଙ୍କ ସଭାପତିତ୍ୱରେ ଏହି ସମାବେଶରେ ଅତଲାପୁର ପଂଚାୟତର ପୂର୍ବତନ ସରପଂଚ ପ୍ରଫୁଲ୍ଲ ସାହୁ, ରାଜେନ୍ଦ୍ରପୁର ପଂଚାୟତର ପୂର୍ବତନ ସରପଂଚ ସୁଶାନ୍ତ କୁମାର ବେହେରା, ସାମନ୍ତରାପୁର ପଂଚାୟତର ପୂର୍ବତନ ସରପଂଚ ଅଭିମନ୍ୟୁ ମହାଳିକ, ମଙ୍ଗରାଜପୁର ପଂଚାୟତର ପୂର୍ବତନ ସରପଂଚ ଯଦୁନାଥ ଓଝା, ସାମନ୍ତରାପୁର ସମବାୟ ସମିତିର ସଭାପତି ବିଦ୍ୟାଧର କର, ବିଜେଡି ନେତା ବୁଲବୁଲ ନାୟକ, ସେକ୍ ଅଫତାଉଦ୍ଦିନ, ବିଚିତ୍ର ଓଝା, ଅଶୋକ ଜେନା, ଅର୍ଥଙ୍ଗା ସ୍ୱାଭିମାନ ମଂଚର ସଭାପତି ମାଗୁଣି ମହାଳିକ, ଆଶାରୁଲ ହକ୍, ସେକ୍ ହବିବ୍, ସେକ୍ ମେରାଜ ଓ ସେକ୍ ଅଜଲାଲଉଦ୍ଦିନ ପ୍ରମୁଖ ଯୋଗଦେଇ ନିଜ ନିଜର ଅଂଚଳର ସମସ୍ୟାଗୁଡିକୁ ନେଇ ନିଜ ବକ୍ତବ୍ୟ ମାଧ୍ୟମରେ ଅସନ୍ତୋଷ ପ୍ରକାଶ କରିଥିଲେ । ପ୍ରାରମ୍ଭରେ କର୍ମୀମାନେ ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଶେଷରେ ବରିଷ୍ଠ ନେତା ଚିତରଂଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ରାଜ କୁମାର ଘଡାଇ, ସୁନାକର ରାଉତ, ଦେବବ୍ରତ ନାୟକ, ଗୋବିନ୍ଦ ସେଠୀ, ଅନନ୍ତ ମହାଳିକ, ନିର୍ମଳ ନାୟକ, ମାନସ ବାରିକ, ରାମଚନ୍ଦ୍ର ବେହେରା, ଧନେଶ୍ୱର ଦଳାଇ, ସୁଶାନ୍ତ ସାହୁ ଓ ଅଜୟ ଗନ୍ତାୟତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପ୍ରଥମାଖଣ୍ଡ, ରାଜେନ୍ଦ୍ରପୁର, ଅତଲାପୁର, ସାମନ୍ତରାପୁର, ଅର୍ଥଙ୍ଗା, ମଙ୍ଗରାଜପୁର, ରାଉତରାପୁର, ମହେଶ୍ୱରପୁର, ବ୍ରହ୍ମବରଦା ଓ ବନ୍ଧଡିହ ଆଦି ପଂଚାୟତରୁ ଶହଶହ ବିଜେଡି କର୍ମୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ଜୈବିକ ଫସଲ ଉତ୍ପାଦନ କାର୍ଯ୍ୟକ୍ରମ ଓ ତାଲିମ୍

ଭବାନୀପାଟଣା,(ପି.ଏନ): ଭବାନୀପାଟଣା ବ୍ଲକ ଅଧିନସ୍ଥ ଗୁର୍ଜୁଙ୍ଗ ପଂଚାୟତରେ ଜୈବିକ ଫସଲ ଉତ୍ପାଦନ କାର୍ଯ୍ୟକ୍ରମରେ ଆକସନ ଫର ସୋସିଆଲ ଆଡ଼ଭାନ୍ସମେଂଟ (ଆସା) ଭବାନୀପାଟଣା, ତରଫରୁ ଆଜି ଏକ ତାଲିମ କାର୍ଯ୍ୟକ୍ରମ ତଥା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ଅଂଚଳର ଅନେକ ପ୍ରମୁଖ ଚାଷୀ, ପୁରୁଷ ମହିଳା ଯୋଗ ଦେଇଥିଲେ । ଚାଷୀ ଭାଇ ମାନେ କିପରି ଅର୍ଗାନିକ ପଦ୍ଧତିରେ ବିଭିନ୍ନ ପ୍ରକାର ଚାଷ କରି ରୋଗ ପୋକ ଦାଉରୁ ସରଳ ସୁବିଧାରେ ନିଜେ ନିଜେ ଘରେ ରହି ବିଭିନ୍ନ ପ୍ରକାର ଚାଷ ରୋଗର ନିରାକାର କରିପାରିବେ, କିପରି ଜମିକୁ ରୋଗ ମୁକ୍ତ କରିପାରିବେ, ଅଧିକ ଅମଳ କରିପାରିବେ ଇତ୍ୟାଦି ପଦ୍ଧତି ଉପରେ ତାଲିମ ପାଇବା ସହ ସମସ୍ତଙ୍କୁ ସଚେତନ କରି ଅର୍ଗାନିକ ପଦ୍ଧତିକୁ ଗ୍ରହଣ କରି ଆର୍ଥିକ ସ୍ଥିତିକୁ ସୁଦୃଢ କରିପାରିବେ, ସମସ୍ତଙ୍କୁ ଅବଗତ କରିବାକୁ ପରାମର୍ଶ କରିବା ସହ ରେଲି ମାଧ୍ୟମରେ ଅର୍ଗାନିକ ପଦ୍ଧତିକୁ ଗ୍ରହଣ କରିବାକୁ ବାର୍ତ୍ତା ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ବରୁଣ ସିଂହ, ରମେଶ ପଟେଲ, ଟୁଟୁ ସେଠି, ଦେବାଶିଷ ବେହେରା, ଜ୍ଞାନରଞ୍ଜନ ମହାପାତ୍ର, ଇସମେଲୀ ନାଗ ପ୍ରମୁଖ କର୍ମକର୍ତ୍ତା ଯୋଗ ଦେଇଥିଲେ ।

## ୧୪ତମ ଆଦିବାସୀ ଆଦାନ ପ୍ରଦାନ କାର୍ଯ୍ୟକ୍ରମରେ ଯୋଗଦେବେ କନ୍ଧମାଳର ୪୯ ଯୁବକ ଯୁବତୀ

କନ୍ଧମାଳ ,(ପି.ଏନ): ନେହରୁ ଯୁବ କେନ୍ଦ୍ର ଫୁଲବାଣୀ ତରଫରୁ ତୁମୁଡିବନ୍ଧ ବ୍ଲକ ର ମୁଣ୍ଡିଗୁଡା ଗ୍ରାମର ୪୯ ଜଣ ଯୁବକ ଓ ଯୁବତୀ ୧୪ତମ ଆଦିବାସୀ ଆଦାନ ପ୍ରଦାନ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଗୁଜୁରାଟ ର ଅହମଦାବାଦ ଅଭିମୁଖେ ଯାତ୍ରା କରିଛନ୍ତି । ସେମାନେ, ବାଲିଗୁଡା ସିଆରପିଏଫ୍ ର ପ୍ରେମାନନ୍ଦ ଭୋଇ, ପ୍ରହଲ୍ଲାଦ ରାଇ, ସ୍ୱର୍ଣ୍ଣଲତା ମହାପାତ୍ର, ନିଦାନ ନାରାୟଣ ନମ ଏବଂ ନେହରୁ ଯୁବ କେନ୍ଦ୍ର ଫୁଲବାଣୀର କୁନ୍ଦନ କୁମାର ନାୟକଙ୍କ ତତ୍ତ୍ୱାବଧାନରେ, ଏକ ସ୍ୱତନ୍ତ୍ର ବସ ଯୋଗେ ପଠା ଯାଇଛି ।

# ଭୁବନେଶ୍ୱରରେ ଖେଳାଳୀମାନଙ୍କ ପାଇଁ ଟ୍ରିନଟି ଗେମିଂ ଇଣ୍ଡିଆ ଏହାର ଦେଶବ୍ୟାପୀ ପ୍ରତିଭା ଅନ୍ୱେଷଣ 'ନେକ୍ସଟ ଲେଭଲ' ପରିଚାଳନା କରୁଛି

ଭୁବନେଶ୍ୱର,(ପି.ଏନ), ଏକ ଅଗ୍ରଣୀ ଖେଳ ସମ୍ବନ୍ଧୀୟ ଓ ମାର୍କେଟିଂ ସଂସ୍ଥା ଟ୍ରିନଟି ଗେମିଂ ଇଣ୍ଡିଆ ଫେସବୁକ ସହଭାଗୀତାରେ 'ନେକ୍ସଟ ଲେଭଲ' ନାମକ ଏକ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ପରିଚାଳନା କରୁଛି । ପାବ, ଗୁଜୁରାଟ, ରାଜସ୍ଥାନ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, କର୍ଣ୍ଣାଟକ, କେରଳ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାର ବିଭିନ୍ନ ସହରରେ ସଫଳତା ପରେ ଏହି କାର୍ଯ୍ୟକ୍ରମର ଏକାଦଶ ପର୍ଯ୍ୟାୟ ଭୁବନେଶ୍ୱରର କିଟ ଠାରେ ୧୫ ଅକ୍ଟୋବର ୨୦୨୨ରେ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମ ୫ ସେପ୍ଟେମ୍ବରରେ ଆରମ୍ଭ ହୋଇଥିଲା ଓ ଆସନ୍ତା ତିନିମାସ ମଧ୍ୟରେ ୨ ଡିସେମ୍ବର ୨୦୨୨ ସୁଦ୍ଧା ୨୩ଟି ସହରରେ ପରିଚାଳିତ ହେବ । ଭୁବନେଶ୍ୱର କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କୁ ଖେଳରେ କିପରି କ୍ୟାରିୟର ଗଠନ କରାଯାଇ ପାରିବ ସେବିଷୟରେ ତାଲିମ ଓ ପରାମର୍ଶ ଦିଆଯିବ । ଇଭେଂଟର କାର୍ଯ୍ୟକ୍ରମ ମଧ୍ୟରେ ପେଶାଦାର ଖେଳାଳୀ ଓ ପ୍ରଭାବଶାଳୀଙ୍କ ସହ ଖେଳ ଓ ଷ୍ଟ୍ରିମିଂର ଏକ ରୋମାଂଚକର ଅଭିଜ୍ଞତା ସ୍ଥାନ ପାଇବ । ଛାତ୍ର ଛାତ୍ରୀମାନେ ବୋର୍ଡରେ ଆସିବା, ଖେଳ ବିଷୟରେ ଜାଣିବା, କ୍ୟାରିୟର ବାଛିବା ପାଇଁ ଏକ ସ୍ୱତନ୍ତ୍ର କ୍ୟାଂଟରକୁ ଡିଜାଇନ କରାଯାଇଛି । ଏହି କ୍ୟାଂଟର ୫ ସେପ୍ଟେମ୍ବରରେ ଯାତ୍ରା ଆରମ୍ଭ କରି ଜଲନ୍ଧର, ଚଣ୍ଡିଗଡ଼, ଜୟପୁର, ବରୋଦା, ଇନ୍ଦୋର, ନାଗପୁର, ମଣିପାଲ, କୋଚି, ମଦୁରାଇ, ଗୁଂଟୁର, ହାଇଦ୍ରାବାଦ ଓ ବିଶାଖାପାଟଣାରେ ଆୟୋଜନ କରାଯାଇ ୬୮୨୦ କିମି ଯାତ୍ରା କରିଛି । ଏହି କାରଭାନ ବର୍ତ୍ତମାନ ଭୁବନେଶ୍ୱରରେ ପହଁଚି ସମୁଦାୟ ୧୩୮୧୦ କିମି ଯାତ୍ରା କରିବ । କ୍ୟାଂଟରଟି ପିସି ଓ ଷ୍ଟ୍ରିମିଂ ଉପକରଣ ଦ୍ୱାରା ସଜ୍ଜିତ । ଛାତ୍ର ଛାତ୍ରୀମାନଙ୍କ ସହିତ ସହିତ ସଫଳ କ୍ୟାରିୟର ବିଷୟରେ ଆଲୋଚନା କରାଯିବ ।ଟ୍ରିନଟି ଗେମିଂ ଇଣ୍ଡିଆ, ଯାହାକି ପୂର୍ବରୁ ୪୦ ନିୟୁତ ଖେଳାଳୀ ଗୋଷ୍ଠୀ ସହିତ କାର୍ଯ୍ୟ କରି ଆସୁଛି, ଏହି ପଦକ୍ଷେପ ଜରିଆରେ କ୍ଷେତ୍ର ଅଭିବୃଦ୍ଧି ପାଇଁ ପ୍ରତିଭା ଗଠନ କରିବ । ଖେଳକୁ ଏକ ସଫଳ କ୍ୟାରିୟର ଭାବେ ଗ୍ରହଣ କରିବା ଲାଗି ଭାରତୀୟ ଯୁବକମାନଙ୍କୁ ସହାୟତା କରିବା ଲାଗି ଟ୍ରିନଟି ଗେମିଂ ଇଣ୍ଡିଆ ଆଗ୍ରହୀ । ନେକ୍ସଟ ଲେଭଲକୁ ଏପରି ଭାବେ ପ୍ରସ୍ତୁତ କରାଯାଇଛି ଯେଉଁଥିରେ ଖେଳାଳୀମାନେ ଉତ୍ସାହ ପାଇବେ । ଭାରତୀୟ ଗେମିଂ ସେକ୍ଟରରେ ଯୋଗ ଦେବା ପାଇଁ ନେକ୍ସଟ ଲେଭଲରୁ ଛାତ୍ରଛାତ୍ରୀମାନେ ଉପଯୁକ୍ତ ତାଲିମ ନେଇ ପାରିବେ । ଅଭିଷେକ ଅଗ୍ରୱାଲ (ଟ୍ରିନଟି ଗେମିଂର ସହ ପ୍ରତିଷ୍ଠାତା) କହିଛନ୍ତିଯେ-ଟ୍ରିନଟି ଗେମିଂ ଦ୍ୱାରା ନେକ୍ସଟ ଲେଭଲକୁ ଆରମ୍ଭ କରିଥିବାରୁ ଆମେ ଉତ୍ସାହିତ । ଏହି କାର୍ଯ୍ୟକ୍ରମରେ ଖେଳକୁ ଉଚ୍ଚ ବୃତିଗତ ମାଧ୍ୟମରେ ପରିଣତ କରିବାକୁ ଆମେ ନେକ୍ସଟ ଲେଭଲ ପରି ସହାୟକ କାର୍ଯ୍ୟକ୍ରମ ଆରମ୍ଭ କରିଛୁ । ଆମର ଏହି ଆଧୁନିକ ଚଳମାନ ଗେମିଂ ସୁବିଧା ମଧ୍ୟରେ ଆମ ସହ ସଫଳ ପେଶାଦାରଙ୍କ ଖେଳରେ କ୍ୟାରିୟର ବାର୍ତ୍ତା ରହିଛି । ଏହି ଗେମିଂ କାଂଟର ୨୪ଟି ସହରରେ ୨୫ଟି କଲେଜକୁ ଯିବ ଓ ସେଠାରେ ଖେଳରେ ଆଗ୍ରହୀ ପିଲାମାନଙ୍କୁ ସେମାନଙ୍କ କ୍ୟାରିୟର ପାଇଁ ଉତ୍ସାହିତ କରାଯିବ । ସାମଗ୍ରିକ ଅଭିମୁଖ୍ୟ ହେଉଛି ଖେଳ ଇଣ୍ଡଷ୍ଟ୍ରି ସହିତ ଭଲ ଭାବରେ ପରିଚିତ କରାଇବା ଓ ଖେଳକୁ କିପରି ବୃତିରେ ପରିଣତ କରାଯାଇ ପାରିବ ସେ ବିଷୟରେ ଦିଗଦର୍ଶନ ଦେବା ।ଶିବମ ରାଓ (ଟ୍ରିନଟି ଗେମିଂର ସହ ପ୍ରତିଷ୍ଠାତା) କହିଛନ୍ତିଯେ-୧୦ଟି ସହରରେ ସଫଳତାର ସହ କାର୍ଯ୍ୟକ୍ରମ ଆୟୋଜନ ପରେ ବର୍ତ୍ତମାନ ଭୁବନେଶ୍ୱରରେ ଆମର କାର୍ଯ୍ୟକ୍ରମ ଆରମ୍ଭ ହେଉଛି । ଏହି କାର୍ଯ୍ୟକ୍ରମ ଜରିଆରେ ଖେଳ ବିଷୟରେ ସଚେତନତା ସୃଷ୍ଟି କରି ଖେଳକୁ ଏକ ସଫଳ କ୍ୟାରିୟର ରୂପେ ବାଛିବା ବିଷୟରେ ଛାତ୍ର, ଅଭିଭାବକ ଓ ଶିକ୍ଷକ ମାନଙ୍କୁ ଉତ୍ସାହିତ କରିବା ।

# ସାଇମରା ଗ୍ରାମରେ ଗୋଷ୍ଠୀ ସଂଘର୍ଷ: ଉଭୟ ଗୋଷ୍ଠୀର ୩ ଗୁରୁତର

ବଲାଙ୍ଗିର,(ପି.ଏନ): ବଲାଙ୍ଗିର ଜିଲ୍ଲା ସଇଁତଲା ଥାନା ଟିକ୍ରାପଡା ଫାଣ୍ଡି ଅଧିନସ୍ଥ ସାଇମରା ଗାଁରେ ଦୋକାନ ଘର ଭଙ୍ଗାରୁଜା କରିବା ସହ ସାମଗ୍ରୀ ଫୋପାଡ଼ିବାକୁ ନେଇ ଉଭୟଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇଛି । ଏନେଇ ସାଇମରା ଗାଁର ଅର୍ଜୁନ ଧରୁଆ ସଇଁତଲା ଥାନାରେ ଲିଖିତ ଏତଲା ଦେବା ପରେ ପୋଲିସ ଅଭିଯୋଗକୁ ଭିତ୍ତି କରି ଥାନା କେସ ନଂ୨୮୭ / ୨୨ରେ ଦଫା ୧୪୭/ ୧୪୮/ ୪୫୦/ ୨୯୪/ ୩୦୭/ ୪୨୭/ ୩୭୯/ ୧୪୯ ଆଇପିସିରେ ମାମଲା ରୁଜୁ କରିଛି । ଏନେଇ ସଇଁତଲା ଆଇଆଇସି ଅବନୀ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଥାନା ଏସ୍ ?ଆଇ ପ୍ରସନ୍ନ ନାୟକ ଘଟଣାର ତଦନ୍ତ ଚଳାଇଛନ୍ତି । ଘଟଣାରୁ ପ୍ରକାଶ ଯେ, ସାଇମାର ଗ୍ରାମର ଅର୍ଜୁନ ଧରୁଆ ନିଜ ଘରେ ଏକ କିରାନା ଦୋକାନ କରିଥିବା ବେଳେ ହଠାତ୍ ଗତ ୧୨ ତାରିଖ ଦିନ ଅପରାହ୍ନ ସମୟରେ କେଓମାଲ ଗାଁର ରାକେଶ ଭୋଇ, ଜୁରାବନ୍ଧ ଗାଁର ପ୍ରଦୀପ ଧରୁଆ ଓ ପ୍ରକାଶ ଧରୁଆଙ୍କ ସହ ତାଙ୍କର ୫ରୁ ୭ ଜଣ ସହଯୋଗୀ ଯୁବକ ଯାଇ ଦୋକାନ ଗୃହ କବାଟକୁ ଭଙ୍ଗାରୁଜା କରିବା ସହ ସାମଗ୍ରୀ ଫୋପାଡ଼ି ଦେଇଥିଲେ । ଏହି ସମୟରେ ଖର୍ସେଲବାଞ୍ଜି ଗାଁର ଯଶୋବନ୍ତ ଧରୁଆ ବ୍ୟକ୍ତି ଜଣକ ଅର୍ଜୁନଙ୍କ ଘରକୁ କୁଣିଆ ଆସିଥିଲେ । ଏହି ଘଟଣାକୁ ସେ ବାରଣ କରିବାରୁ ତାଙ୍କୁ ଆକ୍ରମଣ ହୋଇଛି । ଏହାପରେ ଅର୍ଜୁନଙ୍କ ଘରକୁ ଆସିଥିବା ଯଶୋବନ୍ତ ଧରୁଆ ଓ ଅର୍ଜୁନଙ୍କ ବଡଭାଇ ବୀରଙ୍କୁ କବାଟ ଭାଙ୍ଗୁଥିବା ଯୁବକମାନେ ହଠାତ୍ ଖଣ୍ଡା ଯୋଗେ ଆକ୍ରମଣ କରିଥିଲେ ।ଯାହା ଫଳରେ ଅର୍ଜୁନଙ୍କ ବଡଭାଇ ବୀର ଓ ଯଶୋବନ୍ତ ଗୁରୁତର ହେବା ପରେ ସଙ୍ଗେସଙ୍ଗେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ସଇଁତଲା ଡାକ୍ତରଖାନା ଆଣି ପ୍ରାଥମିକ ଚିକିତ୍ସା କରି ବଲାଙ୍ଗିର ଭୀମଭୋଇ ମେଡିକାଲକୁ ପଠାଯାଇଥିଲା । ଏଥିରେ ଯଶୋବନ୍ତଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବଲାଙ୍ଗିରରୁ ବୁର୍ଲା ବୀର ସୁରେନ୍ଦ୍ର ସାଏ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ଅପରପକ୍ଷେ ଆକ୍ରମଣକାରୀ ଗୋଷ୍ଠୀର ରାକେଶ ଭୋଇଙ୍କୁ ସାଇମରା ଗାଁ ଲୋକେ ଧରି ନିସ୍ତୁକ ମାଡ ମାରିଥିବା ଜଣାପଡିଛି । ଏଥିରେ ରାକେଶର ସହଯୋଗୀ ମାନେ ଘଟଣାସ୍ଥଳରୁ ଫେରାର ମାରିଥିଲେ । ଖବର ପାଇ ଟିକ୍ରାପଡା ଫାଣ୍ଡି ଅଧିକାରୀ ଗୋପାଳଚନ୍ଦ୍ର ମିଶ୍ର ସାଇମରା ଗାଁରେ ପହଞ୍ଚି ରାକେଶଙ୍କୁ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ଅବସ୍ଥା ଗୁରୁତର ଥିବାରୁ ରାକେଶଙ୍କୁ ସଇଁତଲାରୁ ବଲାଙ୍ଗିର ଭୀମଭୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଏହି ଘଟଣାକୁ ପୋଲିସ କଡା ନଜର ରଖି ତଦନ୍ତ ଆରମ୍ଭ ଚଳାଇଛି । ଖୁବ ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ସାହୁ ସୂଚନା ଦେଇଛନ୍ତି ।

# ସାହାରା ଇଣ୍ଡିଆ ପରିବାର ପକ୍ଷରୁ ଗତ ୭୫ ଦିନରେ ନିବେଶକଙ୍କ ୩୨୨୬ କୋଟି ଟଙ୍କା ପଇଠ

ଭୁବନେଶ୍ୱର: ସାହାରା ଇଣ୍ଡିଆ ପରିବାର ପକ୍ଷରୁ ଆଜି ମିଡିଆରେ ଜାରି କରାଯାଇଥିବା ଏକ ବିବୃତି ଅନୁସାରେ, ଗତ ଦୁଇରୁ ଅଢେଇ ମାସ ମଧ୍ୟରେ ଏହି ଗ୍ରୁପ୍ ପକ୍ଷରୁ ଏହାର ୧୦,୧୭,୧୯୪ ଜଣ ସଦସ୍ୟଙ୍କୁ ମୋଟ ୩୨୨୬.୦୩ କୋଟି ଟଙ୍କା ପଇଠ କରାଯାଇଛି । ଏହି ଅବଧିରେ ପଇଠ କରାଯାଇଥିବା ମୋଟ ରାଶି ମଧ୍ୟରୁ ୨.୧୮% ରାଶି ବିଳମ୍ବିତ ଦେୟ ଅଭିଯୋଗକାରୀଙ୍କୁ ପଇଠ କରାଯାଇଥିଲା । ସମୁଦାୟ ବିଳମ୍ବିତ-ଦେୟ ଅଭିଯୋଗକାରୀ ବା ଡିଲେଡ୍-ପେମେଂଟ୍ସ କମ୍ପ୍ଲେନାଂଟ୍ସ ସଂଖ୍ୟା ମୋଟ ନିବେଶକଙ୍କର ୦.୦୭% ରହିଛି । ସାହାରା ନିକଟରେ ଦେଶବ୍ୟାପର ୮ କୋଟି ନିବେଶକ ରହିଛନ୍ତି । ସାହାରା ଗତ ୧୦ ବର୍ଷ ମଧ୍ୟରେ ଏହାର ୫,୭୬,୭୭,୩୩୯ ଜଣ ନିବେଶକଙ୍କୁ ମୋଟ ୧,୪୦,୧୫୭.୫୧ କୋଟି ଟଙ୍କା ପଇଠ କରିଛି । ଏହାମଧ୍ୟରୁ କେବଳ ୪୦% ମାମଲା ପୁନଃନିବେଶର ହୋଇଥିବା ବେଳେ ଅବବଶିଷ୍ଟଗୁଡିକୁ ନଗଦ ଅର୍ଥ ପଇଠ କରାଯାଇଛି । ଗ୍ରୁପ୍ ପକ୍ଷରୁ ପେମେଂଟ୍‌ରେ ବିଳମ୍ବ ହୋଇଥିବା ସ୍ୱୀକାର କରାଯାଇଛି , ଯାହାକି ମୁଖ୍ୟତଃ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗତ ୮ ବର୍ଷ ହେବ ଲାଗୁ କରାଯାଇଥିବା ପ୍ରତିବନ୍ଧକ ଯୋଗୁଁ ଘଟିଥିଲା । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଯଦି କୌଣସି ଅର୍ଥ ଗ୍ରୁପ୍ (କୋ-ଅପରେଟିଭ୍‌ଗୁଡିକ ସମେତ)ର ସମ୍ପତିକୁ ବିକ୍ରି କରି କିମ୍ବା ବନ୍ଧକ ରଖି କିମ୍ବା ମିଳିତ ଉଦ୍ୟୋଗରୁ ହାସଲ କରାଯାଉଛି ତେବେ ତାହାକୁ ସାହାରା-ସେବି ଆକାଉଂଟ୍‌ରେ ଜମା କରିବାକୁ ପଡୁଛି । ସାହାରା ଅଧିକାରୀ କହିଛନ୍ତି, ସାଂଗଠନିକ କାର୍ଯ୍ୟ ପାଇଁ କିମ୍ବା ନିବେଶକଙ୍କୁ ରିପେମେଂଟ୍ ପାଇଁ ଆମେ ଗୋଟିଏ ଟଙ୍କା ମଧ୍ୟ ବ୍ୟବହାର କରିପାରିବୁ ନାହିଁ । ଅନ୍ୟପକ୍ଷରେ ସାହାରା ବର୍ତ୍ତମାନ ସୁଦ୍ଧା ସାହାରା-ସେବି ଖାତାରେ ସୁଧ ସମେତ ପ୍ରାୟ ୨୨,୦୦୦ କୋଟି ଟଙ୍କା ଜମା କରିସାରିଛି । ଅନ୍ୟପକ୍ଷରେ ଦେଶବ୍ୟାପୀ ଗତ ୮ ବର୍ଷ ମଧ୍ୟରେ ସେବି ଦ୍ୱାରା ୧୫୪ଟି ଖବରକାଗଜରେ ୪ଟି ପର୍ଯ୍ୟାୟରେ ବିଜ୍ଞାପନ ଦେଇଥିବା ବେଳେ ନିବେଶକଙ୍କୁ ମାତ୍ର ୧୦୬.୧୦ କୋଟି ଟଙ୍କା ପରିଶୋଧ କରିଛି । ପ୍ରାୟ ଏକ ବର୍ଷ ତଳେ ପ୍ରକାଶିତ ଏହାର ଶେଷ ବିଜ୍ଞାପନରେ ସେବି ସ୍ପଷ୍ଟ କରିଥିଲା ଯେ, ଏହା ଅନ୍ୟ କୌଣସି ପ୍ରକାରର ଦାବିକୁ ଗ୍ରହଣ କରିବ ନାହିଁ । ଏହାର ଅର୍ଥ ହେଉଛି ସେବି ପାଇଁ ଆଉ କୌଣସି ଦାବିଦାର ଦାହାନ୍ତି । ସେବି ଅନ୍ୟ କୌଣସି ଦାବି ଗ୍ରହଣ ନକରିବାର ଏକମାତ୍ର କାରଣ ହେଉଛି ସାହାରା ଗ୍ରୁପ୍ ସମସ୍ତ ନିବେଶକଙ୍କ ଅର୍ଥ ପରିଶୋଧ କରିସାରିଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଏହି ୨୨,୦୦୦ କୋଟି ଟଙ୍କା ଉପଯୁକ୍ତ ଯାଂଚ ପରେ ପୁଣିଥରେ ସାହାରା ନିକଟକୁ ଫେରିବ । ସେହିପରି ସାହାରାର ପ୍ରବକ୍ତା ସ୍ପଷ୍ଟ କରିଛନ୍ତି ଯେ, କିଛି ମିଡିଆ ରିପୋର୍ଟ ସାହାରା ଚିଟ୍ ଫଣ୍ଡ ବ୍ୟବସାୟରେ ଅଛି ବୋଲି ଧାରଣା ସୃଷ୍ଟି କରୁଛନ୍ତି , ଯାହାକି ସମ୍ପୂର୍ଣ୍ଣ ରୂପେ ମିଥ୍ୟା ଓ ଭ୍ରମାତ୍ମକ ସୂଚନା । ସାହାରା ଅତୀତରେ କିମ୍ବା ବର୍ତ୍ତମାନ କୌଣସି ପ୍ରକାରର ଚିଟ୍ ଫଣ୍ଡ ବ୍ୟବସାୟରେ ନାହିଁ । ସାହାରା ଇଣ୍ଡିଆ ପରିବାରର ସୂଚନା ଅନୁଯାୟୀ, ଗ୍ରୁପ୍ ଏହାର ସମସ୍ତ ଜମାକାରୀଙ୍କୁ ଦେୟ ପ୍ରଦାନ କରିଛି । ଗତ ୪୨ ବର୍ଷ ହେବ ଏହା ନିଜର ସଦସ୍ୟମାନଙ୍କୁ ସେବା ପ୍ରଦାନ କରୁଛି ଏବଂ ଆଗକୁ ଏହା ଜାରି ରଖିବ । ସମସ୍ତ ଆଇନ୍‌ଗତ ପ୍ରକ୍ରିୟାର ଅନୁସରଣ କରାଯାଇ ସଦସ୍ୟମାନଙ୍କଠାରୁ ଅର୍ଥ ସଂଗ୍ରହ କରାଯାଇଥିଲା । ତେବେ ଆମେ ବିଳମ୍ବିତ ଅବଧି ପାଇଁ ସୁଧ ମଧ୍ୟ ପ୍ରଦାନ କରୁଛି । ଏସମ୍ପର୍କରେ ଆମର ନିବେଶକମାନଙ୍କୁ ଖବରକାଗଜ ବିଜ୍ଞାପନ ମାଧ୍ୟମରେ ଅବଗତ କରାଯାଇଛି ।

## ଭୁବନରେ ମା ଲକ୍ଷ୍ମୀଙ୍କ ବଡ଼ପୂଜା ଅନୁଷ୍ଠିତ

ଭୁବନ, (ପି.ଏନ): ଭୁବନରେ ଗତ ରବିବାର ରାତିରୁ ମଣ୍ଡପ ମଉଡମଣି ପୂଜା ପ୍ରତିଷ୍ଠାନ ବଡହାଟ, ଅରାସାହି, ଶ୍ରୀଶ୍ରୀମହାଲକ୍ଷ୍ମୀ ବଣିକସଂଘ ନୂଆବଜାର, ଟୋଲଙ୍କବେରେଣୀ ଲତାବିଲ (ବଉଳଛକ), ଅରବିନ୍ଦ ମାର୍ଗ, ଗୋପାଳମଣ୍ଡପ, ଗୁଜୁରୀହାଟ (କଂସାରୀସାହି), ବାଜିଛକ ପ୍ରଭୃତି ମଣ୍ଡପରେ ଧନଦାତ୍ରୀ, ଅନ୍ନପୂର୍ଣ୍ଣା ମା' ଲକ୍ଷ୍ମୀଙ୍କ ମୃଣ୍ମୟ ମୂର୍ତ୍ତୀ ପୂଜା ଅନୁଷ୍ଠିତ ହେଉଥିବାବେଳେ ଆଜି କାର୍ତ୍ତିକମାସ ପ୍ରଥମ ଗୁରୁବାରରେ ମା' ଲକ୍ଷ୍ମୀଙ୍କ ବଡ଼ପୂଜା ନୀତିକାନ୍ତି ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ପୁରୋହିତଙ୍କ ମନ୍ତ୍ରଧ୍ୱନି ସାଙ୍ଗକୁ ବହୁ ସଂଖ୍ୟକ ଶ୍ରଦ୍ଧାଳୁଭକ୍ତଙ୍କ ଉପସ୍ଥିତିରେ ମା ଙ୍କ ବଡପୂଜା ହୋଇଥିବାବେଳେ ଅରାସାହି ଓ ନୂଆବଜାର ପୂଜାମଣ୍ଡପରେ ସାମୁହିକ ପ୍ରସାଦ ସେବନ କରାଯାଇଥିଲା ।

# ଧାମନଗର ବିଜେଡିର ବିଦ୍ରୋହ, ପ୍ରାର୍ଥୀ ହୋଇପାରନ୍ତି ଅସନ୍ତୁଷ୍ଟ ରାଜୁ ଦାସ

ଭଦ୍ରକ, (ପି.ଏନ): ଧାମନଗର ବିଜେଡିରେ ଅସନ୍ତୋଷ । କାଲି ନାମାଙ୍କନ ଭରିପାରନ୍ତି ଅସନ୍ତୁଷ୍ଟ ରାଜୁ ଦାସ । ଦିନ ତମାମ ଛକାପଞ୍ଝା ଓ ଅଜ୍ଞାତବାସ ପରେ ସନ୍ଧ୍ୟାରେ ଘରକୁ ଫେରିଛନ୍ତି ଧାମନଗର ବିଜେଡି ନେତା ରାଜୁ ଦାସ । ଆଉ ଘରକୁ ଫେରିବା ପରେ ଗଣମାଧ୍ୟମ ସାମନାକୁ ଆସି ଧାମନଗରବାସୀଙ୍କ ସମର୍ଥନ ଅନୁସାରେ ନିଷ୍ପତି ନିଆଯିବ ବୋଲି କହିଛନ୍ତି । ଧାମନଗର ଉପନିର୍ବାଚନ ପାଇଁ ଅବନ୍ତି ଦାସଙ୍କୁ ବିଜେଡି ପ୍ରାର୍ଥୀ ଘୋଷଣା କରିବା ପରେ ସୋସିଆଲ ମିଡିଆରେ ଭାଇରାଲ ହେଉଛି ଏକ ଚିଠି । ଚର୍ଚ୍ଚା ହେଉଛି, ଅବନ୍ତିଙ୍କୁ ଟିକେଟ ମିଳିବା ପରେ ବିଜେଡି ଟିକେଟ ଆଶାୟୀ ପ୍ରାର୍ଥୀ ରାଜୁ ଦାସ ଧାମନଗରବାସୀଙ୍କ ଉଦ୍ଦେଶ୍ୟରେ ଏହି ଚିଠି ଲେଖିଛନ୍ତି । କିନ୍ତୁ ଚିଠିକୁ ନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର କୌଣସି ଉତର ଦେଇନାହାଁନ୍ତି ରାଜୁ ଦାସ । ରାଜୁ ଦାସଙ୍କୁ ଟିକେଟ୍ ନମିଳିବା ପରେ ତାଙ୍କ ସମର୍ଥକମାନେ ସକାଳୁ ସକାଳୁ ଆରମ୍ଭ କରିଦେଇଥିଲେ ବିଦ୍ରୋହ । ଆଉ ମାଧ୍ୟମ ବନିଥିଲା ସୋସିଆଲ ମିଡିଆ । ରାଜୁଙ୍କ ସମର୍ଥନରେ ପୋଷ୍ଟକରି ଦଳୀୟ ନିଷ୍ପତିକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି । ରାଜେନ୍ଦ୍ର ଦାସ ଫ୍ୟାନ୍ କ୍ଲବ୍ ପକ୍ଷରୁ ଏକ ପୋଷ୍ଟକରି କୁହାଯାଇଛି ଯେ ଆସନ୍ତାକାଲି ରାଜୁ ଦାସ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିବେ ।

# ୧୪ତମ ଯୁବ ଆଦିବାସୀ ଆଦାନପ୍ରଦାନ ମେଳାରେ ଯୋଗ ଦେବେ ୭୦ ଆଦିବାସୀ ଯୁବକ ଯୁବତୀ

ମାଲକାନଗିରି, (ପି.ଏନ): ଚଳିତ ମାସ ୧୬ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ଗୁଜରାଟରେ ହେବାକୁ ଥିବା ୧୪ତମ ଯୁବ ଆଦିବାସୀ ଆଦାନ ପ୍ରଦାନ ମେଳାରେ ମାଲକାନଗିରିର ଦୁର୍ଗମ ଅଂଚଳରୁ ୭୦ ଜଣ ଆଦିବାସୀ ଯୁବକ ଯୁବତୀ ଯୋଗଦେବେ ବୋଲି ବିଏସଏଫ ତରଫରୁ କୁହାଯାଇଛି । ଆଜି ଏମଭି-୩ସ୍ଥିତ ବିଏସଏଫ କ୍ୟାମ୍ପ ଠାରେ ଜିଲ୍ଲାର ମାଥିଲି ଏବଂ ଚିତ୍ରକୋଣ୍ଡା ବ୍ଲକର ଦୁର୍ଗମ ଅଂଚଳରେ ଅବସ୍ଥାପିତ ବିଏସଏଫ କ୍ୟାମ୍ପ ଅଧିନରେ ରହିଥିବା ଗ୍ରାମଗୁଡିକର ଆଦିବାସୀ ଯୁବକ ଓ ଯୁବତୀମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଗୁଜରାଟ ପଠାଯାଇଛି ।ଏହି କାର୍ଯ୍ୟକ୍ରମକୁ ବିଏସଏଫ ଏବଂ ନେହେରୁର ଯୁବ କେନ୍ଦ୍ର ତରଫରୁ ଆୟୋଜିତ କରାଯାଇଥିଲା ।ଆଜିର ଗୁଜରାଟ ପ୍ରସ୍ଥାନ ବେଳେ ଏହି ଆଦିବାସୀ ଯୁବକ ଯୁବତୀମାନଙ୍କୁ ନେଇ ଏକ ତାଲିମ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ବିଏସ୍‌ଏଫ୍‌ର ଡିଆଇଜି ଶୈଳେନ୍ଦ୍ର କୁମାର ସିହ୍ନା ଉପସ୍ଥିତ ରହି ଯୁବକ ଯୁବତୀମାନଙ୍କୁ କିପରି ସେଠାକୁ ଯିବେ ଏବଂ ସେଠାରେ କିପରି ବିଭିନ୍ନ ବିଷୟରେ ଜାଣିପାରିବେ ସେନେଇ ଏକ ସାମ୍ୟକ ସୂଚନା ପ୍ରଦାନ କରିଥିଲେ ।ପରେ ସେ ସବୁଜ ପାତାକା ଦେଖାଇ ଗୁଜରାଟ ଅଭିମୁଖେ ବାହାରିଥିବା ବସକୁ ଛାଡିଥିଲେ । ତେବେ ଗୁଜରାଟ ଗସ୍ତରେ ଜିଲ୍ଲାର ୩୨ ଜଣ ଯୁବକ ଏବଂ ୩୮ ଜଣ ଯୁବତୀ ଯାଉଥିବା ଜଣାପଡିଛି ।ତେବେ ଏହି ଗସ୍ତରେ ସେମାନେ ୭ ଦିନରେ ଗୁଜରାଟର ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲିବା ସହ ମୁଖ୍ୟମନ୍ତ୍ରୀ ସମେତ ବିଭିନ୍ନ ବିଭାଗର ମନ୍ତ୍ରୀ, ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ସିନେମା ଷ୍ଟାର, ସଫଳ ବ୍ୟକ୍ତିତ୍ୱ, ଖେଳାଳି ଏଥିସହ ବିଭିନ୍ନ ଖେଳ ମଧ୍ୟ ଦେଖିବେ । ଗୁଜରାଟର ସଂସ୍କୃତି ସଂପର୍କରେ ଜାଣିବା ସହ ବଡ ବଡ କମ୍ପାନି ଦେଖିବାର ସୁଯୋଗ ପାଇବେ । କିପରି ଆତ୍ମନିର୍ଭରଶୀଳ ହେବେ ସେନେଇ ମଧ୍ୟ ଏହି ଯୁବକଯୁବତୀମାନଙ୍କୁ ଶିକ୍ଷା ପ୍ରଦାନ କରାଯିବ ବୋଲି କୁହାଯାଇଛି । ମାଲକାନଗିରି ଜିଲ୍ଲାରେ ବିଏସଏଫ କେବଳ ନକ୍ସଲ ଦମନ ନେଇ କାମ କରୁନାହିଁ ବରଂ ଜିଲ୍ଲାର ବିକାଶ, ଜିଲ୍ଲାର ଆଦିବାସୀ ଯୁବକଯୁବତୀମାନେ ଯେପରି ହିଂସା ପଥକୁ ଅନୁସରଣ ନକରିବେ ସେଥିପ୍ରତି ମଧ୍ୟ କାମ କରୁଥିବା ଦେଖିବାକୁ ମିଳିଛି । ସ୍ୱାଭିମାନ ଅଂଚଳ ହେଉ ବା ଦୁର୍ଗମ ଅଂଚଳ ହେଉ ସବୁ ଠାରେ ବିଏସଏଫ ସୁରକ୍ଷା ପ୍ରଦାନ କରି ପ୍ରଶାସନକୁ ବିକାଶ କାର୍ଯ୍ୟରେ ସହଯୋଗ କରିଆସୁଛି । ଲଗାତାର ପ୍ରତିବର୍ଷ ଜିଲ୍ଲାର ବିଭିନ୍ନ ଅଂଚଳରୁ ବଛା ବଛା ଯୁବକଯୁବତୀଙ୍କୁ ଦେଶର ବିଭିନ୍ନ ଅଂଚଳ ବୁଲାଇ ସେମାନଙ୍କୁ କିପରି ଭବିଷ୍ୟତରେ ଜଣେ ଜଣେ ଭଲ ମଣିଷ ହେବେ ସେଥିପ୍ରତି କାମ କରୁଛନ୍ତି । ଏଥିସହ ଦେଶ ରକ୍ଷା ପାଇଁ ସେମାନେ ଆଗକୁ ଆସି ଦେଶର ସୁରକ୍ଷା ବିଭାଗରେ ମଧ୍ୟ ଭାଗ ନେବା ପାଇଁ ତାଲିମ ପ୍ରଦାନ କରୁଛନ୍ତି ।ତେବେ ବିଏସଏଫର ଏହି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି ।

# ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସ ଶୁଭାରମ୍ଭ କଲା 'ଟୋଟାଲ ହେଲ୍‌ଥ ସ୍କୋର'

ଭୁବନେଶ୍ୱର, (ପିଏନ): ଭାରତରେ ମାନସିକ ସ୍ୱାସ୍ଥ୍ୟଗତ ସମସ୍ୟା ଅଧିକ ପରିଲକ୍ଷିତ ହେଉଥିବା, ବିଶେଷକରି ସାମ୍ପ୍ରତିକ ମହାମାରୀ ସମୟରେ ଏହା ଅଧିକ ଉତ୍କଟରୂପ ଧାରଣ କରିଥିବା ବିଷୟକୁ ଦୃଷ୍ଟିରେ ରଖି ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ (ଏଫ୍‌ଜିଆଇଆଇ) ଏକ ଅନ୍‌ଲାଇନ ମାନସିକ ସ୍ୱାସ୍ଥ୍ୟ ଆକଳନ ପରୀକ୍ଷା – ଟୋଟାଲ ହେଲ୍‌ଥ ସ୍କୋର ଶୁଭାରମ୍ଭ କରିଛି । ଏହି ଅନନ୍ୟ ସ୍ୱ-ଆକଳନ ବ୍ୟବସ୍ଥା ଜଣେ ବ୍ୟକ୍ତିବିଶେଷଙ୍କୁ ତାଙ୍କର ମାନସିକ ସୁସ୍ଥତା ଆକଳନ କରିବାକୁ ସମର୍ଥ କରାଇବ । ଏଫ୍‌ଜିଆଇଆଇ ପ୍ରତ୍ୟେକଙ୍କୁ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟଗତ ବିଷୟକୁ ଗୁରୁତ୍ୱର ସହିତ ବିବେଚନା କରିବାକୁ ପ୍ରୋତ୍ସାହିତ କରୁଛି ଏବଂ ଜଣଙ୍କର ଶାରୀରିକ ସ୍ୱାସ୍ଥ୍ୟଭଳି ଭିତରେ ସୁସ୍ଥ ରହିବାକୁ ହେଲେ ମାନସିକ ସ୍ୱାସ୍ଥ୍ୟ ଠିକ୍ ରଖିବା ଉପରେ ଗୁରୁତ୍ୱ ଦେଉଛି । ଟୋଟାଲ ହେଲ୍‌ଥ ସ୍କୋର ଏକ ପ୍ରଶ୍ନାବଳୀ ଏବଂ ଏପିଆଇ ଭିତ୍ତିକ ଆକଳନ ଯାହା ମାନସିକ ସ୍ୱାସ୍ଥ୍ୟଗତ ସମସ୍ୟାର ଆଦ୍ୟ ଉପସର୍ଗଗୁଡିକୁ ବୁଝିପାରୁଥିବା କାର୍ଯ୍ୟରତ ଚିକିତ୍ସକ ଏବଂ ପରାମର୍ଶଦାତାମାନଙ୍କ ଦ୍ୱାରା ଡିଜାଇନ କରାଯାଇଛି । ଜଣେ ବ୍ୟକ୍ତିବିଶେଷ ଏହି ବ୍ୟବସ୍ଥାରେ ନିଜର ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଆକଳନ କରିବାପରେ ତାଙ୍କୁ ଏକ ସ୍କୋର ପ୍ରଦାନ କରାଯିବ ଯାହା ତାଙ୍କର ସାମ୍ପ୍ରତିକ ମାନସିକ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ଅବଗତ କରାଇବ । ଏଥିସହିତ ସେ ମାନସିକ ଚାପ, ଉତ୍କଣ୍ଠା, ଅବସାଦ ଏବଂ ଅନ୍ୟ ତତ୍‌ସମ୍ପର୍କିତ ସମସ୍ୟା ଭଳି ମାନସିକ ସ୍ୱାସ୍ଥ୍ୟ ସହିତ ସଂଯୁକ୍ତ ସମସ୍ୟାଗୁଡିକୁ ବୁଝିବା ଏବଂ ସେଗୁଡିକୁ ପରିଚାଳନା କରିବା ସକାଶେ ନିଜର ଯତ୍ନନେବା ପାଇଁ ଉଦ୍ଦିଷ୍ଟ ବିଷୟବସ୍ତୁର ସୁଯୋଗ ନେଇପାରିବେ । ଏହି ସ୍ୱ-ଯତ୍ନ ବିଷୟବସ୍ତୁ ମାନସିକ ସ୍ୱାସ୍ଥ୍ୟ ବିଶାରଦମାନଙ୍କ ଦ୍ୱାରା ବିଶେଷଭାବେ ଫ୍ୟୁଚର ଜେନେରାଲି ପାଇଁ ବିକଶିତ କରାଯାଇଛି । ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସର ଏମ୍‌ଡି ତଥା ସିଇଓ ଅନୁପ ରାଉ କହିଛନ୍ତି, 'ଆମ ଗ୍ରାହକଙ୍କ ସହିତ ଆଜୀବନ ଭାଗିଦାର ହେବା ଏବଂ ମାନବୀୟ ସ୍ପର୍ଶ ସହ ବିଶେଷ ଜ୍ଞାନ ପ୍ରଦର୍ଶନ କରିବା ହେଉଛି ଆମର ଲକ୍ଷ୍ୟ । ଭାରତର ସାଂସ୍କୃତିକ ବିଧିବ୍ୟବସ୍ଥା ଏବଂ ପ୍ରତିବନ୍ଧକଗୁଡିକୁ ବାସ୍ତବିକତାର ସହିତ ବୁଝିବା ଏବଂ କେତେକ ଜଟିଳ କଥୋପକଥନକୁ ସମର୍ଥ କରାଇପାରିଲେ ଆମେ ଏହି ଲକ୍ଷ୍ୟ ହାସଲ କରିପାରିବୁ । ଆମେ ସମସ୍ତେ ଜାଣୁ ଯେ ମାନସିକ ସ୍ୱାସ୍ଥ୍ୟକୁ ଏକ ଅନାବଶ୍ୟକ ବିଷୟ ଭାବରେ ବିବେଚନା କରାଯାଏ । ଏକ ବ୍ରାଣ୍ଡ୍ ଭାବରେ ମାନସିକ ସୁସ୍ଥତା ଏବଂ ଏଥିପ୍ରତି ଜନସାଧାରଣଙ୍କ ଆଭିମୁଖ୍ୟକୁ ନେଇ ଏକ ସୁସ୍ଥ ଆଲୋଚନା ଆଗେଇନେବାକୁ ଆମେ ଚାହୁଁ । ମାନସିକତାରେ ପରିବର୍ତ୍ତନର ଆରମ୍ଭ ବିନ୍ଦୁ ହେଉଛି ଶାରୀରିକ ସ୍ୱାସ୍ଥ୍ୟ ଭଳି ମାନସିକ ସ୍ୱାସ୍ଥ୍ୟ ସମପରିମାଣରେ ଗୁରୁତ୍ୱପୂର୍ଣ୍ଣ ବୋଲି ଲୋକଙ୍କୁ ବୁଝାଇବା ଏବଂ ଏହା ପରିମାପ କରିବାକୁ ସେମାନଙ୍କୁ ପର୍ଯ୍ୟାପ୍ତ ଉପାୟ ଯୋଗାଇଦେବା । ଏଣୁ ଆମେ ଟୋଟାଲ ହେଲ୍‌ଥ ସ୍କୋର ସୃଷ୍ଟି କରିଛୁ, ଯାହା ଏକ ସରଳ ପ୍ରଶ୍ନାବଳୀ ଏବଂ ଏପିଆଇ ଭିତ୍ତିକ ସ୍କୋର ବ୍ୟବସ୍ଥା ।

# ଜୟପୁର ଏୟାରପୋର୍ଟରୁ ଖୁବ ଶୀଘ୍ର ଉଡିବ ବ୍ୟବସାୟିକ ବିମାନ

ଜୟପୁର , (ପି.ଏନ): ଜୟପୁର ଏୟାରପୋର୍ଟରେ ବ୍ୟବସାୟିକ ଉଡାଣ ଖୁବ ଶୀଘ୍ର ଆରମ୍ଭ ହେବ । ଏନେଇ ୨ ଦିନ ହେବ ଡିଜସିଏ ଓ ବ୍ୟୁରୋ ଅଫ ସିଭିଲ ଏଭିଏସନ ସିକ୍ୟୁରିଟି ଟିମ ଯାଞ୍ଚ କରିଛନ୍ତି । ଏୟାର ପୋର୍ଟ ବିକାଶ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଏଥିରେ ୬୭ଟି ତ୍ରୁଟି ରହିଥିବା ଗତ ଦିନରେ ଆସିଥିବା ଡିଜସିଏ ଚିହ୍ନଟ କରି ରିପୋର୍ଟ ଦେଇଥିଲେ । ଏହାର ସଂଶୋଧନ ହେବାପରେ ଡିଜସିଏର ଟିମ ୨ ଦିନ ରହି ଯାଞ୍ଚ କରି ଫେରିଛି । ବ୍ୟୁରୋ ଅଫ ସିଭିଲ ଏଭିଏସନ ସିକ୍ୟୁରିଟି ଟିମ ବେ ସାମରିକ ସୁରକ୍ଷା ମୁଖ୍ୟ ଆଜି ୩ ଜଣିଆ ଟିମ ଜୟପୁର ଏୟାର ପୋର୍ଟ ରେ ପହଞ୍ଚି ସୁରକ୍ଷା ଉପରେ ଯାଞ୍ଚ କରିଛନ୍ତି । ଏଥିରେ ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଟିମ୍ ସାମିଲ ହୋଇଥିଲେ । କୋରାପୁଟ ଏସପି ବରୁଣ ଗୁଣ୍ଟପାଲ୍ଲି ଙ୍କ ଉପସ୍ଥିତିରେ ଯାଞ୍ଚ କରାଯାଇଛି । ପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଏହି ସମିକ୍ଷା ରିଜିଓନାଲ ଡାଇରେକ୍ଟର ବିସିଏସ ଭୁବନେଶ୍ୱର ପ୍ରରବିଣ ଲଛପ, ଏସପି କୋରାପୁଟ ବରୁଣ ଗୁଣ୍ଟପାଲ୍ଲି, କମାଣ୍ଡାଣ୍ଟ ଓଏସଏପି ତଥା ସିନିୟର ନୋଡାଲ ଅଫିସର ଟଙ୍କ ଧର ପ୍ରଧାନ, ରାସ୍ତା ଓ ଗୃହ ବିଭାଗର ନିର୍ବାହୀଯନ୍ତ୍ରୀ ଭାସ୍କର ସାମନ୍ତରାୟ, ଏସଡିପିଓ ଅରୁପ ଅଭିଷେକ ବେହେରା.ତହସିଲଦାର ପ୍ରଧାନ ଟୁଲ୍ଲି ଆମ୍ମା, ଏଜିଏମ ଏଟିସି ସରୋଜ କୁମାର ସାହୁ, ଏସଏଏସଓ ବିସିଏସ ଭୁବନେଶ୍ୱର ପଙ୍କଜ କୁମାର ତିବାରି, ଏସିଆଇଓ ଆଇବି ଜୟପୁର ଆଦିତ୍ୟ କୁମାର. ଏସଏମ ସିକ୍ୟୁରିଟି ପ୍ରସନ୍ନ କୁମାର ସାହୁ, ସିଏସଓ ଜୟପୁର ଏୟାରପୋର୍ଟ ସିମାଞ୍ଚଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।ସମିକ୍ଷା ପରେ ନିୟମିତ ଜୟପୁରକୁ ବ୍ୟବସାୟିକ ଉଡାନ ସେବା ଆରମ୍ଭ ହେବ ତାହା ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି । ଏଠାରୁ ନିୟମିତ ବିମାନ ସେବା ନେଇ ବିଡ୍ ପାଇଥିବା ଇଣ୍ଡିଆ ୱାନ ଏୟାର ଟ୍ରାଏଲ ଭାବେ ନିୟମିତ ଭୁବନେଶ୍ୱର- ଜୟପୁର- ବିଶାଖାପାଟଣା ଉଡାଣ ଜାରି ରଖିଛି । ୨ ଦିନ ଧରି ଏୟାର ପୋର୍ଟର ସମସ୍ତ ଦିଗ ଉପରେ ଯାଞ୍ଚ କରିଛନ୍ତି । ଉଭୟ ଡିଜିସିଏ ଓ ବ୍ୟୁରୋ ଅଫ ସିଭିଲ ଏଭିଏସନ ସିକ୍ୟୁରିଟି ଟିମ ଏକ ସପ୍ତାହ ସୁଦ୍ଧା ସେ ମାନଙ୍କ ରିପୋର୍ଟ ପ୍ରଦାନ କରିବେ । ମାସ ଶେଷ ସୁଦ୍ଧା ନିୟମିତ ବିମାନ ଉଡାଣ ପାଇଁ ଅନୁମତି ମିଳିବା ସମ୍ଭାବନା ରହିଛି ବୋଲି ରାସ୍ତା ଓ ଗୃହ ବିଭାଗର ନିବାହୀ ଯନ୍ତ୍ରୀ ଭାସ୍କର ସାମନ୍ତରାୟ । ବୁଧବାର ଡିଜିସିଏର ଡାଇରେକ୍ଟୋରେଟ ଜେନେରାଲ ଅଫ ସିଭିଲ ଏଭିଏସନର ର ଏହି ଟିମ ୨ ଦିନ ଜୟପୁର ଏୟାର ପୋର୍ଟର ସମସ୍ତ ଭିତ୍ତି ଭୂମି ଯାଞ୍ଚ କରିଫେରିଛନ୍ତି । ଏହି ଟିମରେ ଡିଜିସିଏର ଉପନିର୍ଦ୍ଦେଶକ ମନୀଷ ଠାକୁର ଏବଂ ଧୁଷାର କୁମାର ମଣ୍ଡଳ ରହିଛନ୍ତି । ଏଟିସି ସରୋଜ କୁମାର ସାହୁ, ସିଏନସ ମ୍ୟାନେଜର ମହମ୍ମଦ ଜଓାଦ, କେ ବାଲକ୍ରିଷ୍ଣା, ଅଗ୍ନି ବିଭାଗର ଏ. କେ ରାହା, ଏଟିସି ମ୍ୟାନେଜର ଟିକେଶ୍ୱର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ଦୀର୍ଘ ବର୍ଷ ଧରି ଅବିଭକ୍ତ କୋରାପୁଟ ଜିଲା ସହ ଜୟପୁର ସହର ବାସୀ ବିମାନ ସେବା କୁ ଅପେକ୍ଷା କରି ବସିଛନ୍ତି । ପୁବରୁ ୫ ଥର ଉଭୟ ରାଜ୍ୟ ଓ କେନ୍ଦ୍ର ଟିମ ଏୟାର ପୋର୍ଟର ଭିତ୍ତି ଭୂମିକୁ ସମୀକ୍ଷା କରିଛନ୍ତି । ବୁଧବାର ପୁଣି ଷଷ୍ଠ ଥର ପାଇ କେନ୍ଦ୍ର ଡିଜିସିଏ ଟିମ ପହଞ୍ଚି ଜୟପୁର ବିମାନ ବନ୍ଦରରେ ସମିକ୍ଷା କରି ଫେରିଛନ୍ତି । ଏହି ଟିମ ବିମାନ ବନ୍ଦର ଅଗ୍ନି ନିରାପତ୍ତା, ସୁରକ୍ଷା, ଆଲୋକି କରଣ, ଜଳ ଯୋଗାଣ ଭଳି ଭିତ୍ତି ଭୂମିର ଯାଞ୍ଚ କରିଛି ଟିମ । କେନ୍ଦ୍ରୀୟ ଟିମ ଭିତ୍ତି ଭୂମିକୁ ନେଇ ଖୁସି ଥିବା ନେଇ ସୁଚନା ଦେଇଛନ୍ତି ରାସ୍ତା ଓ ଗୃହ ବିଭାଗର ନିବାହୀ ଯନ୍ତ୍ରୀ ଭାସ୍କର ସାମନ୍ତରାୟ । ଅତି ଶିଘ୍ର ଜୟପୁର ବିମାନ ବନ୍ଦରରେ ଓଡାନ ସେବା ଆରମ୍ଭ ହେବ ଓ ଲାଇସେନ୍ସକୁ ଅପେକ୍ଷା କରାଯାଇଛି ବୋଲି ସୁଚନା ଦିଆଯାଇଛି । ବାଉଣ୍ଡି ଠାରୁ ଆରମ୍ଭ କରି ସମସ୍ତ ଭିତ୍ତି ଭୂମି ଯାଞ୍ଚ କରିଥିଲେ । ଇଣ୍ଡିଆ ୱାନ ଏୟାର ଜୟପୁର ଠାରୁ ବିମାନ ଚଳାଇବା ପାଇ ଉଡାନ ଯୋଜନାରେ ସିଲେକ୍ଟ ହୋଇସାରିଛି । ସେ ମାନଙ୍କର ବୁକିଂ କାଉଣ୍ଟର ଆଦି ହୋଇ ସାରିଲାଣି ।

# ଆନ୍ତଃଜିଲ୍ଲା ବାଳକ ଓ ବାଳିକା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

କେନ୍ଦୁଝର,(ପିଏନ): ଓଡିଶାରେ ୧୭ ବର୍ଷରୁ କମ୍ ବାଳିକା ମାନଙ୍କର ଫିଫା ବିଶ୍ୱକପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଚାଲୁ ରହିଛି। ଏହି ଅବସରରେ ୧୭ ବର୍ଷରୁ କମ୍ ବାଳକ ଓ ବାଳିକାମାନଙ୍କର ଆନ୍ତଃ ଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟ କେନ୍ଦୁଝର ଠାରେ ଉଦ୍‌ଘାଟିତ ହୋଇଛି। କେନ୍ଦୁଝର ଷ୍ଟାଡିୟମ ଠାରେ ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଛି। ଟୁର୍ଣ୍ଣାମେଣ୍ଟରେ ଜିଲ୍ଲାର ୧୩ଟି ବ୍ଲକରୁ ୨୬ଟି ବାଳକ ଓ ବାଳିକା ଫୁଟବଲ ଟିମ୍ ଯୋଗ ଦେଇଛନ୍ତି। ଏହି ଅବସରରେ ଗୁରୁବାର ଅପରାହ୍ନରେ କେନ୍ଦୁଝର ଷ୍ଟାଡିୟମ ଠାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପାଟଣା ବିଧାୟକ ଜଗନ୍ନାଥ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସରକାର ଓଡିଶାର ପ୍ରତିଟି ଜିଲ୍ଲାରେ କ୍ରୀଡାର ପ୍ରଚାର ପ୍ରସାର ପାଇଁ ଅନେକ ପଦକ୍ଷେପ ନେଉଛନ୍ତି, କ୍ରୀଡାର ବିକାଶ ପାଇଁ ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ସବୁଠାରେ ଖେଳାଳୀ ସୃଷ୍ଟି ହୋଇ ସେମାନଙ୍କର ବିକାଶ ହେବା ଦିଗରେ କାମ କରୁଛନ୍ତି, ତେଣୁ ଏଭଳି ଟୁର୍ଣ୍ଣାମେଣ୍ଟ ସେମାନଙ୍କୁ ପ୍ରୋତ୍ସାହନ ଯୋଗାଇବ ବୋଲି କହିଥିଲେ। କେନ୍ଦୁଝର ଜିଲ୍ଲାର ପ୍ରତ୍ୟେକ ପଂଚାୟତରେ ଖେଳପଡିଆ ଉନ୍ନତିକରଣ ପାଇଁ ପଦକ୍ଷେପ ନିଆଯାଉଥିବା ସେ କହିଥିଲେ। କାର୍ଯ୍ୟକ୍ରମରେ ସଦର ବିଧାୟକ ମୋହନ ଚରଣ ମାଝୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଜିଲ୍ଲାର ସମସ୍ତ ପଞ୍ଚାୟତରେ ଖେଳ ପଡିଆ ହୋଇପାରିଲେ ଆହୁରି ଖେଳାଳୀ ସେମାନଙ୍କର ଦକ୍ଷତା ଦେଖାଇ ପାରିବେ ବୋଲି କହିଥିଲେ। କେନ୍ଦୁଝର ଷ୍ଟାଡିୟମର ଉନ୍ନତିକରଣ ଦିଗରେ ଜିଲ୍ଲା ପ୍ରଶାସନ ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକ୍‌ରେ,ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ,ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଖେଳ ଓ ଖେଳାଳୀଙ୍କର ବିକାଶ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର କିରାଣୀ ସଚ୍ଚିଦାନନ୍ଦ ମହାକୁଡ ମଞ୍ଚ ପରିଚାଳନା କରିଥିବାବେଳେ ଜିଲ୍ଲା ଶାରିରୀକ ଶିକ୍ଷା ପରିଦର୍ଶକ ଉମ୍ବରୁଧର ମହାନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଯୋଡା ଏବଂ ଝୁମ୍ପୁରା ବାଳିକା ଫୁଟବଲ ଟିମ୍ ମଧ୍ୟରେ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଡା ବିଜୟୀ ହୋଇଥିଲା। ପ୍ରଶାସନ ପକ୍ଷରୁ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ବାଳକ ଓ ବାଳିକାମାନଙ୍କୁ ଜର୍ସି,ଜୋତା ଓ ଫୁଟବଲ ବଣ୍ଟନ କରାଯାଇଥିଲା। ଏଥିରେ ଶିକ୍ଷକ ସୁରେଶ ଚନ୍ଦ୍ର ନାୟକ,ସତ୍ୟବ୍ରତ ମହାନ୍ତ,ରେତୁନ ମହାଲ୍ଲିକ,ଗୁରୁଦେବ ମହାନ୍ତ,ଶାନ୍ତନୁ କୁମାର ମହାପାତ୍ର,ବିଜୟ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




# ଚୋରା କାଠ ବୋଝେଇ ଗାଡି ଜବତ, ୨ ଗିରଫ

ଘଷିପୁରା,(ପି.ଏନ):ଆନନ୍ଦପୁର ବନ୍ୟପ୍ରାଣୀ ବିଭାଗ ମୋବାଇଲ ସ୍କ୍ୱାର୍ଡ ପାଟ୍ରୋଲିଂ କରୁଥିବା ସମୟରେ (ଓଡି୩୪କେ-୦୯୪୯) ନଂ ବିଶିଷ୍ଟ ଏକ ପିକ୍‌ଅପ୍ ଗାଡିକୁ ୨୦ନଂ ଜାତୀୟ ରାଜପଥ ସାଇଁକୁଳ ଠାରେ ଜବତ କରିଛି। ଏହି ଗାଡିରେ ଶିଶୁ, ଶିମିଳି ଓ ଦେବଦାରୁ ଗଛର ୯ଖଣ୍ଡ ଗଣ୍ଡି ରହିଥିଲା। ଚୋରା କାଠ ଚାଲାଣ ହେଉଥିବା ଖବର ପାଇ ଆନନ୍ଦପୁର ଡିଏଫ୍‌ଓ ଅଭୟ କୁମାର ଦଳେଇଙ୍କ ନିର୍ଦ୍ଦେଶ କ୍ରମେ ବନପାଳ ମଳୟ କୁମାର ସାହୁ, ଅବିନାଶ ପରିଡା, ଶଙ୍କର୍ଷଣ ପରିଡା, କୃପାସିନ୍ଧୁ ପେରେଇ ପ୍ରମୁଖ ଏହି ଚଢଉରେ ସାମିଲ ଥିଲେ। ଗାଡିର ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ଅନ୍ୟ ଦୁଇଜଣ ରନ ମୁଣ୍ଡା ଏବଂ ବୁଧୁ ମହାକୁଡଙ୍କୁ ବନବିଭାଗ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି।

# ଡିସେମ୍ବରରେ ଭାରତୀୟ ଅର୍ଥନୀତି ସଂଘର ୧୦୫ତମ ବାର୍ଷିକ ସମ୍ମିଳନୀ

ଭୁବନେଶ୍ୱର,(ପି.ଏନ): ଭାରତୀୟ ଅର୍ଥନୀତି ସଂଘର ୧୦୫ତମ ବାର୍ଷିକ ସମ୍ମିଳନୀ ଆସନ୍ତା ଡିସେମ୍ବର ୨୭ରୁ ୨୯ତାରିଖ ପର୍ଯ୍ୟନ୍ତ ରାଞ୍ଚିସ୍ଥିତ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀ ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ ହେବ। ସମ୍ମିଳନୀ ଅବ୍ୟବହିତ ପୂର୍ବରୁ ଆଜି ଭୁବନେଶ୍ୱରଠାରେ ଭାରତୀୟ ଅର୍ଥନୀତି ସଂଘର ସଭାପତି ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ସମ୍ମିଳନୀର ସୂଚନା ପତ୍ର ଉନ୍ମୋଚିତ ହୋଇଯାଇଛି। ଭାରତୀୟ ଅର୍ଥନୀତି ସଂଘର ମୁଖ୍ୟ ଆବାହକ ଡ. ଅନିଲ୍ କୁମାର ଠାକୁରଙ୍କ ଉପସ୍ଥିତିରେ ଶ୍ରୀ ସାମନ୍ତ ଏହି ସୂଚନା ପତ୍ର ଉନ୍ମୋଚନ କରିଥିଲେ। ଏହି ଅବସରରେ ଶ୍ରୀ ସାମନ୍ତ ସଂଘର ୧୦୫ତମ ବାର୍ଷିକ ସମ୍ମିଳନୀ ଆସନ୍ତା ଡିସେମ୍ବରରେ ଆୟୋଜନ ହେଉଥିବା ସୂଚନା ଦେଇଥିଲେ। ଭାରତୀୟ ଅର୍ଥନୀତି ସଂଘର ୧୦୫ତମ ସମ୍ମିଳନୀର ନିଷ୍କର୍ସ ଓ ନୀତି ପରାମର୍ଶ ସାଧାରଣ ଲୋକଙ୍କ ସମସ୍ୟା ଓ ବିକାଶରେ ସମସ୍ତଙ୍କର ଅନ୍ତର୍ଭୁକ୍ତିକରଣ ଦିଗରେ ଏକ ସ୍ଥାୟୀ ନୀତି ପ୍ରସ୍ତୁତ କରିବାରେ ଅର୍ଥନୀତିଜ୍ଞମାନଙ୍କୁ ସାହାଯ୍ୟ କରିବ ବୋଲି ଶ୍ରୀ ସାମନ୍ତ ଆଶାବ୍ୟକ୍ତ କରିଛନ୍ତି। ତିନିଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ଦେଶର ଅର୍ଥନୀତି ଓ ବିକାଶ ସମ୍ପର୍କିତ ବିଭିନ୍ନ ଆଲୋଚନା ଓ କର୍ମଶାଳା ଅନୁଷ୍ଠିତ ହେବ। ଏଥିରେ ହଜାରରୁ ଉର୍ଦ୍ଧ୍ୱ ସନ୍ଦର୍ଭ ଉପସ୍ଥାପିତ ହେବାର କାର୍ଯ୍ୟକ୍ରମ ରହିଛି। କ୍ଷିପ୍ର ବିକାଶ ଯୋଜନା ପାଇଁ ଅତୀତରୁ ଶିକ୍ଷା, ସାମଗ୍ରିକ ବିକାଶ ନିମନ୍ତେ ଆର୍ଥିକ ସମାନତା, ସମ୍ବଳର ଦକ୍ଷ ବିନିଯୋଗ ଓ ପରିବେଶ ସୁରକ୍ଷା ଏବଂ ସ୍ଥାୟୀ ବିକାଶ ନିମନ୍ତେ ସବୁଜ ଏବଂ ସାମଗ୍ରିକ ବିକାଶ ଆଦି ୫ଟି ବିଷୟବସ୍ତୁ ଉପରେ ଏହି ସମ୍ମିଳନୀ ଆୟୋଜନର ଯୋଜନା ରହିଛି। ଏହି ସମ୍ମିଳନୀରେ ଦେଶର ବହୁ ବିଶିଷ୍ଟ ଅର୍ଥନୀତିଜ୍ଞ,ଅର୍ଥନୀତି ବିଶାରଦ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।




# ଉପଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ଉଠିଲେ ଜନପ୍ରତିନିଧି

ଆନନ୍ଦପୁର,(ପି.ଏନ):ଆନନ୍ଦପୁର ପୌରପରିଷଦର ବିଭିନ୍ନ ସମସ୍ୟାକୁ ନେଇ ଜିଲ୍ଲାପାଳଙ୍କ ସହ ଆଲୋଚନା କରିବା ପରେ ସନ୍ତୋଷ ଜନକ ଉତ୍ତର ନମିଳିବାରୁ ଜନପ୍ରତିନିଧିମାନେ ବୁଧବାର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଗୁରୁବାର ଦିନ ଧାରଣା ଅବସରରେ ଉପଜିଲ୍ଲାପାଳ ଅନିଲ ସେଠୀ ଧାରଣା ସ୍ଥଳକୁ ଆସି ଜନପ୍ରତିନିଧି ମାନଙ୍କ ଦାବିକୁ ଅନୁଧ୍ୟାନ କରିଥିଲେ। ଜିଲ୍ଲାପାଳଙ୍କ ସହିତ ଆଲୋଚନା କରି ଏସବୁ ସମସ୍ୟାର ସମାଧାନ ଦିଗରେ ଦୃଷ୍ଟି ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଆଗାମୀ ଦିନରେ ପୌରପରିଷଦର ସମସ୍ୟା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାନଗଲେ ଆନନ୍ଦପୁର ପୌରପରିଷଦକୁ ଅଚଳ କରିବା ସହିତ ବନ୍ଦ କରାଯିବ ଏବଂ ସମସ୍ୟାର ସମାଧାନ ପର୍ଯ୍ୟନ୍ତ ପ୍ରତିବାଦ ଜାରି ରହିବ ବୋଲି ପୌର ପରିଷଦର ଉପନଗରପାଳଙ୍କ ସମେତ ସମସ୍ତ ନିର୍ବାଚିତ ପ୍ରତିନିଧିମାନେ ମତବ୍ୟକ୍ତ କରିଛନ୍ତି।

## ଆନନ୍ଦପୁରରେ ନୂତନ ତହସିଲଦାରଙ୍କ ଯୋଗଦାନ ପାଇଁ ବିଜ୍ଞପ୍ତି ପ୍ରକାଶ

ଆନନ୍ଦପୁର,(ପି.ଏନ):ଆନନ୍ଦପୁର ତହସିଲଦାର ତପନ କୁମାର ନାୟକ ପଦୋନ୍ନତି ପାଇ ଏଠାରୁ ବଦଳି ହେବାପରେ ତହସିଲଦାର ପଦବୀ ଖାଲି ପଡିଥିଲା। ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗ ତରଫରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁସାରେ ବଡଚଣାରେ କାର୍ଯ୍ୟରତ (ସବ୍ ରେଜିଷ୍ଟ୍ରର) ମାନସ କୁମାର ତ୍ରିପାଠୀଙ୍କୁ ଆନନ୍ଦପୁର ତହସିଲଦାର ଭାବେ ବଦଳି ହୋଇଛି। ଘଷିପୁରାରେ କାର୍ଯ୍ୟରତ ଅତିରିକ୍ତ ତହସିଲଦାର ଦିବାକର ମାଝୀଙ୍କର କୋଟଗଡ ତହସିଲଦାର ଭାବେ ବଦଳି ହୋଇଥିବା ବିଜ୍ଞପ୍ତି ପ୍ରକାଶ ପାଇଛି।

# ଶାରଦୀୟ ବିଶେଷାଙ୍କ ବନଜ୍ୟୋତି ପତ୍ରିକା ଉନ୍ମୋଚିତ




ଦର୍ପଣ, (ପି.ଏନ.): ଆଜି ଚଣ୍ଡିଖୋଲସ୍ଥିତ ପ୍ରେସକ୍ଲବ ଚଣ୍ଡିଖୋଲ କାର୍ଯ୍ୟାଳୟରେ ବନଜ୍ୟୋତି ତ୍ରୟୋମାସିକ ପତ୍ରିକା ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ।ବସରପ୍ରାପ୍ତ ଶିକ୍ଷକ ବୃନ୍ଦବାନ କର ଅଧକ୍ଷତା କରିଥିଲେ। ଉଦଘାଟକ ଭାବେ ଶିକ୍ଷାବିତ ଅନଙ୍ଗ କୁମାର ପାଢି ସମ୍ମାନିତ ଅତିଥି ଭାବେ ପ୍ରେସ କ୍ଲବ ଚଣ୍ଡିଖୋଲର ସମ୍ପାଦକ ଦିଲିପ କୁମାର ମହାନ୍ତି, ସାମ୍ବାଦିକ ଶିବରାମ ସାହୁ, ପ୍ରସନ୍ନ କୁମାର ବିଶ୍ୱାଳ, ମୋହନ ଖିଲାର, ପ୍ରଶାନ୍ତ କୁମାର ଜେନା, ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନର ସଭାପତି ଆଇନଜିବୀ ଦେବରାଜ ବେହେରା ପ୍ରମୁଖେ ଯୋଗ ଦେଇଥିଲେ। ଶିକ୍ଷାବିତ ଶ୍ରୀ ପାଢୀ ଆନୁଷ୍ଠାନିକ ଭାବେ ବନଜ୍ୟୋତି ପତ୍ରିକାର ଉନ୍ମୋଚନ କରିଥିଲେ ଏବଂ ଗାଣ୍ଡିବର ଝଙ୍କାର, ତୃତୀୟ ନେତ୍ର, ବ୍ୟାକ ଟୁ ଭିଲେଜ ପୁସ୍ତକ ମଧ୍ୟ ଉନ୍ମୋଚିତ ହୋଇଥିଲା। ଦୀର୍ଘ ୪୨ ବର୍ଷ ଧରି ବନଜ୍ୟୋତି ପତ୍ରିକାକୁ ଆଇନଜୀବୀ ବୃନ୍ଦାବନ କରଙ୍କ ଦ୍ୱାରା ପ୍ରକାଶିତ ହୋଇଆସୁଛି। ଓଡିଆ ଭାଷା ସାହିତ୍ୟକୁ ବଂଚାଇବା ପାଇଁ ପତ୍ରିକା ପୁସ୍ତକର ଏକାନ୍ତ ଆବଶ୍ୟକ। ବର୍ତମାର ଛାତ୍ରଛାତ୍ରୀ ମାନେ ପତ୍ରିକା, ପୁସ୍ତକ ଠିକଣା ବାଟରେ ପଢିପାରିଲେ ସେମାନେ ଜ୍ଞାନ ଆହରଣ କରିପାରିବେ। ବନଜ୍ୟୋତି ପତ୍ରିକା ଦୀର୍ଘ ୪୨ ବର୍ଷ ଧରି ବୃନ୍ଦାବନ ବାବୁ ପ୍ରକାଶିତ କରୁଛନ୍ତି ସେ ଜଣେ ପ୍ରଶଂସନିୟ ବ୍ୟକ୍ତି ବୋଲି ପରିଗଣିତ ହେଉଛନ୍ତି ବୋଲି ଉଦଘାଟକ ଓ ସମ୍ମାନୀୟ ଅତିଥି ମାନେ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ।

# ମହାଲକ୍ଷ୍ମୀ ପୂଜା ଓ ସାଇ ଭଜନ

ଦର୍ପଣ,(ପି.ଏନ.): ବଡଚଣା ବ୍ଲକ ଅନ୍ତର୍ଗତ ସୁଙ୍ଗୁଡା ପଂଚାୟତ ନିଶିମଳା ଗ୍ରାମ ଠାରେ ମହାଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି ଏବଂ ଶ୍ରୀ ଚୈତନ୍ୟ ସଂକୀର୍ତନ ମହାସମ୍ମେଳନ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁଙ୍ଗୁଡା ସରପଂଚ ଶ୍ରୀମତୀ ଅଞ୍ଜୁଲତା ସ୍ୱାଇଁ ଯୋଗଦେଇ ମା ଲକ୍ଷ୍ମୀଙ୍କ ମୃଣ୍ମୟ ମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଆୟୋଜିତ ସଭାରେ ରବୀନ୍ଦ୍ର ଦାସ ଅଧକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ବିଚିତ୍ର ମଲିକ, ପ୍ରାକ୍ତନ ସମିତିସଭ୍ୟ ପ୍ରିତମ ନାୟକ, କୁଳମଣି ନାୟକ, ଜିତନ୍ଦ୍ରେ ସ୍ୱାଇଁ, ସଞ୍ଜୟ ସ୍ୱାଇଁ, ସାମ୍ବାଦିକ ଶିବରାମ ସାହୁ, ପ୍ରିୟବ୍ରତ ଖିଲାର ପ୍ରମୁଖ ଯୋଗ ଦେଇଥିଲେ। ସେଠାରେ ମଧ ୫୦ଟି ସଂକୀର୍ତନର ମୁଖ୍ୟ ପୁରୋଧା ମାନେ ଯୋଗ ଦେଇଥିଲେ। ମା ଲକ୍ଷ୍ମୀଙ୍କ ପୂଜା ଉତ୍ସବ ଏଠାରେ ଉଦ୍ୟାକ୍ତା ଗୋପାଳ ମଳିକ ଦାୟିତ୍ୱ ବହନ କରିଆସୁଛନ୍ତି। ଯୋଗ ଦେଇଥିବା ୫୦ ଜଣ ସଂକୀର୍ତନର ମୁଖ୍ୟ ଓ ଅତିଥି ମାନଙ୍କୁ ଉତରୀୟ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତିୟ ଦିନ ସନ୍ଧ୍ୟାରେ ଶ୍ରୀ ସତ୍ୟସାଇ ଭଜନ ମଣ୍ଡଳ ଚଣ୍ଡିଖୋଲର ସମସ୍ତ ସାଇ ଆଶ୍ରିତ ମାନେ ଯୋଗଦେଇ ଭଗବାନ ଶ୍ରୀ ସତ୍ୟସାଇଙ୍କ ପୂଜାର୍ଚ୍ଚନା କରି ଭଜନ କରିଥିଲେ। ମୁଖ୍ୟ ଅତିଥି ଭାବେ ଶ୍ରୀ ସତ୍ୟସାଇ ସେବା ସମିତି କଲଣର ଆଧାତ୍ମିକ ସଂଯୋଜକ ରଶ୍ମିପାତ୍ର ଯୋଗ ଦେଇ ମା ମହାଲକ୍ଷ୍ମୀ ଓ ଭଗବାନ ଶ୍ରୀ ସତ୍ୟସାଇଙ୍କ ଦିବ୍ୟ ସନ୍ଦେଶ ସମ୍ପର୍କରେ ଆଲୋଚନା କରିଥିଲେ। ଭଗବାନ ଶ୍ରୀ ସତ୍ୟସାଇଙ୍କର ମୂଳ ଲକ୍ଷ୍ୟ ସେବା ଓ ଭଲପାଇବା। ଆମେ ସମସ୍ତେ କାମ, କ୍ରୋଧ ହିଂସା ମୋହକୁ ତ୍ୟାଗ କତି ଦୟା ଓ ଶାନ୍ତିକୁ ଆଦରି ନେଲେ ଆମେ ଭଗବାନଙ୍କ ସାନିଧ ଲାଭ କରିପାରିବୋ ବୋଲି ମୁଖ୍ୟ ଅତିଥି ଶ୍ରୀ ପାତ୍ର ତାଙ୍କଲ ବକ୍ତବ୍ୟରେ ପ୍ରାକଶ କରିଥିଲେ।








# କ୍ଷୁଦ୍ର ଜଳ ସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ ଘର ସମେତ ଏକ କାଳୀନ ପାଞ୍ଚଟି ସ୍ଥାନରେ ଚଢ଼ଉ

ବାଲେଶ୍ୱର,(ପି.ଏନ): ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ବାଲେଶ୍ୱର କ୍ଷୁଦ୍ର ଜଳ ସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ମହେସ ପ୍ରସାଦ ପଟ୍ଟନାୟକଙ୍କ ଘର ସମେତ ଏକକାଳୀନ ପାଞ୍ଚଟି ସ୍ଥନାରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ ଚାଲିଛି। ଭୁବନେଶ୍ୱରର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ ୱାରେଣ୍ଟ ବଳରେ ଏହି ଚଢ଼ଉ କରାଯାଇଛି। ଭିଜିଲାନ୍ସ ଚଢ଼ଉ ସମୟରେ ମହେସ ପ୍ରସାଦ ପଟ୍ଟନାୟକ ଓ ତାଙ୍କ ପରିବାର ବର୍ଗଙ୍କ ନାମରେ ବହୁ ସାମୀ ସମ୍ପତ୍ତି ରହିଥିବାର ଖବର ମିଳିଛି। ଭୁବନେଶ୍ୱର ବାଲି ଅନ୍ତାରେ ତାଙ୍କର ୬୧.୫ ଲକ୍ଷ ଟଙ୍କାର ଫ୍ଲାଟ ବିଶାଖାପାଟ୍ନାରେ, ୧୭.୫୬ ଲକ୍ଷ ଟଙ୍କାରେ ଫ୍ଲାଟ, ଭୁବନେଶ୍ୱର ସୁନ୍ଦରପଦା ରେ ୧୩.୨୩ ଲକ୍ଷ ଟଙ୍କାର ଫ୍ଲାଟ, ରାୟଗଡ଼ା ରେ ଥିବା ଘର ଭୁବନେଶ୍ୱର ଓ କୋରାପୁଟ ରେ ଦାମୀ ଫ୍ଲାଟ, ବ୍ୟାଙ୍କ ଏବଂ ଇନ୍ସୁରାନ୍ସ ରେ ନଗଦ ୧.୧୯ କୋଟି ଟଙ୍କା, ୨.୨୪ ଲକ୍ଷ ଟଙ୍କାର ସ୍ଥାଇ ଜମା ଯଥା ଫିସ ଡ଼ିପୋଜିଟ୍ ଥିବାର ସୂଚନା ମିଳିଛି। ଏହା ସହିତ ଭିଜିଲାନ୍ସ ବିଭାଗର ଚଢ଼ଉ ଜାରି ରହିଛି। ସୂଚନା ଅନୁଯାୟୀ ବାଲେଶ୍ୱର କ୍ଷୁଦ୍ର ଜଳ ସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ମହେଶ ପ୍ରସାଦ ପଟ୍ଟନାୟକଙ୍କ ରାୟଗଡ଼ା କସ୍ତୁରୀ ନଗରରେ ଥିବା ପୈତୃକ ଘର, ଭୁବନେଶ୍ୱର ସୁନ୍ଦରପଦା ମାଧିପୁର ହାଇଟେକ ବଜାରରେ ଥିବା ଫ୍ଲାଟ, ବାରିପଦା ରେ ଏଲଆଇସି କଲୋନୀ ଥିବା ସରକାରୀ କ୍ୱାର୍ଟର ଓ ବାଲେଶ୍ୱର ସ୍ଥିତ ସରକାରୀ କାର୍ଯ୍ୟଳୟ ରେ ଏକ କାଳୀନ ଚଢ଼ଉ ଜାରି ରହିଛି। ସୂଚନା ଅନୁଯାୟୀ ଏହା ପୂର୍ବରୁ ତାଙ୍କ ବିରୋଧରେ ବହୁ ଅଭିଯୋଗ ଆସିଥିଲା। ଏହି ଚଢ଼ଉ ରେ ୩ ଜଣ ଡ଼ିଏସପି ୧୨ ଇନିସପେକ୍ଟର, ୨ ଜଣ ସବ ଇନପେସ୍କଟର ଓ ୫ ଜଣ ଓଏସଆଇ ସାମିଲ ଥିବା ଜଣା ପଡ଼ିଛି।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray